ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍યବେକ୍ଷକ

visit us at www.paryabekhyak.com

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.25 . No.78 Bhubaneswar Wednesday 04 2022 | ୨୫ତମ ବର୍ଷ ସଂଖ୍ୟା-୭୮ ଭୁବନେଶ୍ୱର, ବୁଧବାର, ମଇ ୦୪, ୨୦୨୨ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹ 1.50 (Air Surcharge - 0.50P) Member-INS

# ବିଶ୍ୱ ପ୍ରେସ୍ ସ୍ୱାଧୀନତା ଦିବସ ପାଳିତ







ଭୁବନେଶ୍ୱର,୩।୫(ପି.ଏନ): ବୁଦ୍ଧ ମନ୍ଦିର ସଭା କକ୍ଷରେ ସମ୍ମିଳିତ କର୍ମଜୀବୀ ସାମ୍ବାଦି ସଂଘର ରାଜ୍ୟ ଅଧିବେଶନ ଏବଂ ବିଶ୍ୱ ପ୍ରେସ୍ ସ୍ୱାଧୀନତା ଦିବସ ପାଳନ କରାଯାଇଛି । ଏହି ଅବସରରେ ସତର୍କତା ନଜର ଭିତରେ ସାମ୍ବାଦିକତା ଶୀର୍ଷକ ଆଲୋଚନାଚକ୍ରରେ ସାରା ରାଜ୍ୟରୁ ଆସିଥିବା ସାମ୍ବାଦିକମାନେ ଅଂଶ ଗ୍ରହଣ କରି ସାମ୍ବାଦିକମାନଙ୍କୁ ସ୍ୱାଧୀନତା ସହିତ ସୁରକ୍ଷା ଦେବା ପ୍ରଶାସନର ଦାୟିତ୍ୱ ବୋଲି ମତ ପ୍ରକାଶ ପାଇଅଛି । ସମ୍ମିଳନୀରେ ସାମ୍ବାଦିକମାନଙ୍କ କଲ୍ୟାଣ ନିମନ୍ତେ ସରକାର ସାହାଯ୍ୟ ଯୋଗାଇ ଦେବା ଆବଶ୍ୟକ ବୋଲି ଅତିଥିମାନେ ମତ ପ୍ରଦାନ କରିଛନ୍ତି । ଉକ୍ତ ଉତ୍ସବରେ ପ୍ରସନ୍ନ ମହାନ୍ତି- ସଭ୍ୟ, ପ୍ରେସ୍ କାଉନସିଲ ଅଫ୍ ଇଣ୍ଡିଆ ମୁଖ୍ୟଅତିଥି, ଡକ୍ଟର ରବୀନ୍ଦ୍ର ନାରାୟଣ ବେହେରା, ପ୍ରାକ୍ତନ ବୈଷୟିକ ନିର୍ଦ୍ଦେଶକ, ସମ୍ମାନନୀୟ ଅତିଥି ଭାବେ ଯୋଗଦାନ କରି ରାଜ୍ୟ, ଦେଶ ଏବଂ ସାମ୍ବାଦିକ ସମୁଦାୟଙ୍କ ପାଇଁ ମୂଲ୍ୟବାନ ତଥ୍ୟ ପ୍ରଦାନ କରିଥିଲେ । ସଂଘର ମୁଖ୍ୟ ଉପଦେଷ୍ଟା 'ପର୍ଯ୍ୟବେକ୍ଷକ' ଓ ଦି କଳିଙ୍ଗ କ୍ରୋନିକିଲ୍‌ର ମୁଖ୍ୟ ସମ୍ପାଦକ ଡଃ ପବିତ୍ର ମୋହନ ସାମନ୍ତରାୟ, ନିର୍ମଳ ଚନ୍ଦ୍ର ସାମଲ,ପ୍ରଦୀପ ପରିଡ଼ା, ସଂଘ ଏବଂ ସାମ୍ବାଦିକମାନଙ୍କ ଉଦ୍ଦେଶ୍ୟରେ ଉଦ୍‌ବୋଧନ ଦେଇ କହିଛନ୍ତି, ସାମ୍ବାଦିକମାନେ ଏକଜୁଟ ହୋଇ ସାମ୍ବାଦିକ ସମୁଦାୟର ସମୂହ ଉନ୍ନତି ବିଧାନ ସକାଶେ ସରକାରଙ୍କ ନିକଟରେ ଦାବୀ ଉପସ୍ଥାପନା କରିବା ଆବଶ୍ୟକ ଏବଂ ସବୁ ସମୟରେ ସତର୍କ ରହିବାକୁ ପରାମର୍ଶ ଦେଇଛନ୍ତି । ଅଧକ୍ଷ ରାଷ୍ଟ୍ରୀୟ ସ୍ତରରୁ ନେଇ ରାଜ୍ୟ ପର୍ଯ୍ୟନ୍ତ ସାମ୍ବାଦିକମାନଙ୍କ ବିଭିନ୍ନ ସମସ୍ୟାକୁ ବିଶ୍ଳେଷଣ କରି ସଂଘରର ଏକତା ବଜାୟ ରଖିବାକୁ ନିବେଦନ କରିଥିବା ବେଳେ ଉପଦେଷ୍ଟା ଡଃ ପବିତ୍ର ମୋହନ ସାମନ୍ତରାୟ କର୍ତ୍ତବ୍ୟରତ ସାମ୍ବାଦିକମାନଙ୍କ ପାଇଁ ସୁରକ୍ଷା ବ୍ୟବସ୍ଥା ଉପରେ ପ୍ରଶାନିକ ସହଯୋଗ ଲୋଡ଼ିଥିଲେ । ପ୍ରାରମ୍ଭରେ ସଭାପତି ସଞ୍ଜୟ ଦାସ ଅତିଥିମାନଙ୍କୁ ସ୍ୱାଗତ ଜଣାଇ କାର୍ଯ୍ୟକ୍ରମର ବିଶେଷ ସୂଚନା ଦେଇଥିଲେ ଏବଂ ପ୍ରାକ୍ତନ ସାଧାରଣ ସମ୍ପାଦକ ରଜନୀକାନ୍ତ ସାମନ୍ତରାୟ ସଂଘର ବାର୍ଷିକ ବିବରଣୀ ଉପସ୍ଥାପନା କରି ସଂଘ, ସାମ୍ବାଦିକ ସମୁଦାୟମାନଙ୍କ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ, ସକ୍ଷମ, ସଶକ୍ତ ତଥା ସମ୍ମାନ ପାଇଁ ସଂକଳ୍ପବଦ୍ଧ ବୋଲି ଆହ୍ୱାନ ଜଣାଇଥିଲେ । ବିଭିନ୍ନ ସମସ୍ୟା ଘେରରେ ଥାଇ ମଧ୍ୟ ସମ୍ବାଦପତ୍ର ଏବଂ ସାମ୍ବାଦିକମାନଙ୍କ ଯୋଗୁଁ ଦେଶରେ ଲୋକତନ୍ତ୍ର ବଳିଷ୍ଠ ଅଛି ବୋଲି ପ୍ରକାଶ କରି ସାମ୍ବାଦିକମାନଙ୍କୁ ସୁରକ୍ଷା ଦିଆଯିବା ଆବଶ୍ୟକ ଜରୁରୀ ବୋଲି ଜିଲ୍ଲା ସଭାପତିମାନେ ମତ ରଖିଥିଲେ । ଏହା ସହିତ ସଂଘର ଅଧିଷ୍ଠାପନା ଉତ୍ସବ ପାଳନ କରାଯାଇ ୩୨ ଜଣ ନିର୍ବାଚିତ ସଦସ୍ୟମାନଙ୍କୁ ନିର୍ବାଚନ ଅଧିକାରୀ ନୃପ କିଶୋର ପଟ୍ଟନାୟକ ସମ୍ବର୍ଦ୍ଧିତ କରିଛନ୍ତି । ଶେଷରେ ସାହିତ୍ୟ, ସମାଜସେବା ଏବଂ ସାମ୍ବାଦିକତା କ୍ଷେତ୍ରରେ ୧୦ ଜଣ ପ୍ରତିଭାଙ୍କୁ ସମ୍ମାନୀତ କରାଯାଇ ଅଛି । ସଂଘର ସଦସ୍ୟମାନଙ୍କୁ ଆଗାମୀ ତିନି ବର୍ଷ ପର୍ଯ୍ୟନ୍ତ ଅବଧିର ନୂତନ ପରିଚୟ ପତ୍ର ମଧ୍ୟ ପ୍ରଦାନ କରାଯାଇଛି । ଉପସଭାପତି ପ୍ରଦ୍ୟୁମ୍ନ ଦାଶ, ନିମାଇଁ ଚରଣ ଦାସ ଏବଂ ବିଭିନ୍ନ ଜିଲ୍ଲାର ସଭାପତିମାନେ ଉପସ୍ଥିତ ରହି ସଂଘକୁ ମଜବୁତ କରିବାକୁ ଆହ୍ୱାନ ଜଣାଇଥିଲେ । ଉପସଭାପତି ସୁବାସ ପଣ୍ଡା, କୋଷାଧ୍ୟକ୍ଷ ନିତ୍ୟ ନିରଞ୍ଜନ ପଣ୍ଡା, ଜିଲ୍ଲା ସଭାପତି ଅମୂଲ୍ୟ କୁମାର ମହାନ୍ତି, ରାଜ୍ୟ ସଂଯୋଜକ ଓ ଯୁଗ୍ମ ସମ୍ପାଦକ ଡଃ ରଜନୀକାନ୍ତ ମିଶ୍ର, ଅଧିର ନନ୍ଦ, ଜିତେନ୍ଦ୍ର କୁମାର ପଣ୍ଡା, କାମିନୀ କୁମାର ସ୍ୱାଇଁ, ପର୍ଶୁରାମ ମନ୍ତ୍ରୀ, ଯୁଗ୍ମ ସମ୍ପାଦକ କାଳିଚରଣ ସିଂ, ବଦ୍ରି ନାରାୟଣ ସୁବୁଦ୍ଧି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଛନ୍ତି ବୋଲି ସଭାପତି ସଞ୍ଜୟ ଦାସ ସୂଚନା ଦେଇଛନ୍ତି ।

## ବ୍ରଜରାଜନଗର: ପ୍ରଥମ ଥର ଜିତିଥିଲା ବିଜେଡି



ଭୁବନେଶ୍ୱର, ୩।୫(ପି.ଏନ): ବିଜେଡି ବିଧାୟକ କିଶୋର କୁମାର ମହାନ୍ତିଙ୍କ ଅକାଳ ମୃତ୍ୟୁ ଯୋଗୁ ଆସନ୍ତା ୩୧ ତାରିଖରେ ବ୍ରଜରାଜନଗର ବିଧାନସଭା ପାଇଁ ଉପନିର୍ବାଚନ ହେବାକୁ ଯାଉଛି । ଏହି ବିଧାନସଭା ଆସନରେ ଗତ ଅକ୍ଷଇ ଦଶନ୍ଧି ମଧ୍ୟରେ ବିଜେଡି ପ୍ରଥମଥର ପାଇଁ ୨୦୧୯ ସାଧାରଣ ନିର୍ବାଚନରେ ନିଜର ଖାତା ଖୋଲିଥିଲେ ମଧ୍ୟ ଦୁଇ ବିରୋଧୀ ଦଳ ବିଜେପି ଓ କଂଗ୍ରେସ ସେଠାରେ ନିଜର ଦୁର୍ବଳ ଅସଜଡା ସଂଗଠନକୁ ନେଇ ଚିନ୍ତାରେ ରହିଥିବା ଜଣାପଡିଛି । ବିଶେଷକରି ନିକଟରେ ଶେଷ ହୋଇଥିବା ପଂଚାୟତ ଓ ପୌର ନିର୍ବାଚନରେ ବିଜେଡି ଏକପାଖିଆ ସଫଳତା ସହ ନିଜର ସ୍ଥିତି ଜାହିର କରିବାରେ ସକ୍ଷମ ହୋଇଛି ।ସୂଚନା ଅନୁସାରେ, ଦୀର୍ଘ ଦୁଇ ଦଶନ୍ଧି ଧରି ବିଜେଡି ନିଜର ଦୃଢ଼ ସଂଗଠନ ଯୋଗୁ ରାଜ୍ୟରେ କ୍ରମାଗତ ସରକାର ଗଢ଼ିବାରେ ସଫଳ ହେଉଥିଲେ ମଧ୍ୟ ବ୍ରଜରାଜନଗର ବିଧାନସଭା ଆସନରେ ସଫଳତାର ସ୍ୱାଦ ଚାଖିବାକୁ ବିଜେଡିକୁ ପ୍ରାୟ ୨୨ବର୍ଷ ଅପେକ୍ଷା କରିବାକୁ ପଡିଥିଲା । ଦଳ ଗଠନ ପରଠୁ ବିଜେଡି ପ୍ରଥମଥର ପାଇଁ ୨୦୧୯ ସାଧାରଣ ନିର୍ବାଚନରେ ନିଜର ବରିଷ୍ଠ ନେତା କିଶୋର ମହାନ୍ତିଙ୍କୁ ପ୍ରାର୍ଥୀ କରି ବିଜୟୀ ହୋଇଥିଲା । ପୂର୍ବରୁ ଏହି ଆସନ ୨୦୧୪ରେ ବିଜେପି ନେତ୍ରୀ ରାଧାରାଣୀ ପଣ୍ଡା, ୨୦୦୦ରୁ ୨୦୦୯ ପର୍ଯ୍ୟନ୍ତ ୩ଥର କଂଗ୍ରେସର ଅନୁପ ସାଏ( ଏବେ ବିଜେଡିରୁ ବହିଷ୍କୃତ), ୧୯୬୧ରୁ ୧୯୯୫ ପର୍ଯ୍ୟନ୍ତ ୬ଥର ସିପିଆଇର ପ୍ରସନ୍ନ କୁମାର ପଣ୍ଡା ଓ ମଝିରେ ୧୯୭୧, ୧୯୭୭ ଓ ୧୯୮୦ରେ ୩ଥର ଉପେନ୍ଦ୍ର ଦୀକ୍ଷିତ ଏଠାରୁ ବିଧାୟକ ଭାବେ ବିଜୟୀ ହୋଇଥିଲେ । ୨୦୧୪ରେ ଅନୁପ ସାଏ ବିଜେଡି ପ୍ରାର୍ଥୀ ଭାବେ ଲଢ଼ି ମଧ୍ୟ ବିଜେପିର ରାଧାରାଣୀଙ୍କଠୁ ପରାଜିତ ହୋଇଥିଲେ । ତେବେ ପଂଚାୟତ ଓ ପୌର ନିର୍ବାଚନର ଠିକ୍ ପୂର୍ବରୁ ୨୦୨୧ ଡିସେମ୍ବର ୩୦ତାରିଖରେ କିଶୋର ମହାନ୍ତିଙ୍କ ମୃତ୍ୟୁ ପରେ ବ୍ରଜରାଜନଗର ନେତା ଶୂନ୍ୟ ହୋଇପଡିଥିଲା । ମାତ୍ର ବିଜେଡି ନିଜର ନିର୍ବାଚନୀ ରଣନୀତି ମାଧ୍ୟମରେ ଏହି ବିଧାନସଭା ଆସନରେ ଉଭୟ ପଂଚାୟତ ଓ ପୌର ନିର୍ବାଚନରେ ଏକପାଖିଆ ସଫଳତା ପାଇଛି ।ବ୍ରଜରାଜନଗର ବିଧାନସଭା ନିର୍ବାଚନମଣ୍ଡଳୀରେ ବ୍ରଜରାଜନଗର ଓ ବେଲପାହାଡ ପୌରାଂଚଳ ସମେତ ଲଖନପୁର ବ୍ଳକର ସମସ୍ତ ଅଂଚଳ ଏବଂ ଝାରସୁଗୁଡା ବ୍ଳକର କିଛି ପଂଚାୟତ ରହିଛି । ପଂଚାୟତ ନିର୍ବାଚନରେ ବିଜେଡିକୁ ଏହି ଦୁଇଟି ବ୍ଳକରେ ଏକତରଫା ସଫଳତା ମିଳିବା ସହ ସମସ୍ତ ଜିଲ୍ଲା ପରିଷଦ ଆସନ ଓ ପଂଚାୟତ ସମିତି ମଧ୍ୟ ବିଜେଡି ଖାତାକୁ ଯାଇଛି । ସେହିପରି ବ୍ରଜରାଜନଗର ପୌର ନିର୍ବାଚନରେ ବିଜେଡି ଅଧ୍ୟକ୍ଷ ପ୍ରାର୍ଥୀ ରୀତାରାଣୀ ଧୁରିଆ ଜିତିଥିବାବେଳେ ଏହାର ମୋଟ ୨୩ରୁ ୨୦ଟି ୱାର୍ଡରେ ବିଜେଡି ଓ ମାତ୍ର ୨ଟି ୱାର୍ଡରେ ବିଜେପି ପ୍ରାର୍ଥୀ ବିଜୟୀ ହୋଇଛନ୍ତି । କଂଗ୍ରେସ ଖାତା ଖୋଲିପାରିନି ଓ ବିଏସପି ଖାତାକୁ ଗୋଟିଏ ୱାର୍ଡ ଯାଇଛି ।ସେହିପରି ବେଲପାହାଡ ପୌର ନିର୍ବାଚନରେ କଂଗ୍ରେସ ଅଧ୍ୟକ୍ଷ ପ୍ରାର୍ଥୀ ନିମାଇଁ ଚରଣ ପଣ୍ଡା ଜିତିଥିଲେ ମଧ୍ୟ ଏଠାରେ ମୋଟ ୧୯ଟି ୱାର୍ଡରୁ ୧୪ଟି ବିଜେଡିକୁ, ୩ଟି ବିଜେପିକୁ ଓ କଂଗ୍ରେସକୁ ମାତ୍ର ୨ଟି ୱାର୍ଡ ଯାଇଛି । ବିଜେଡି ଅଧ୍ୟକ୍ଷ ପ୍ରାର୍ଥୀ ହିତେଶ ଠକ୍କରଙ୍କୁ ପ୍ରାୟ ୪ହଜାର ଭୋଟ୍ ବ୍ୟବଧାନରେ ପରାଜିତ ହେବାକୁ ପଡିଥିଲା ।ତେବେ କିଶୋର ମହାନ୍ତିଙ୍କ ଅକାଳ ମୃତ୍ୟୁ ସତ୍ତ୍ୱେ ଏହି ନିର୍ବାଚନମଣ୍ଡଳୀରେ ବିଜେଡିକୁ ଉଭୟ ପଂଚାୟତ ଓ ପୌର ନିର୍ବାଚନରେ ଏକପାଖିଆ ସଫଳତା ମିଳିଛି । ବର୍ତ୍ତମାନର ରାଜନୀତିକ ଓ ସାଂଗଠନିକ ସ୍ଥିତିକୁ ଦେଖିଲେ ବିଜେଡି ଏଠାରେ ଏବେବି ସୁଦୃଢ଼ ସ୍ଥିତିରେ ରହିଛି । ବିଜେପି ଓ କଂଗ୍ରେସ ଏହି ନିର୍ବାଚନମଣ୍ଡଳୀରେ ନିଜର ସ୍ଥିତି ଓ ସଂଗଠନକୁ ଜାଣିଶୁଣି ଦୁର୍ବଳ କରିଛନ୍ତି । ବିଶେଷକରି ସାଧାରଣ ଲୋକଙ୍କ ସହ ନୈନ୍ଦିନ ସମସ୍ୟାରେ ଯୋଡି ନହେବା ବି ଏହି ଦୁଇ ଦଳର ସ୍ଥାନୀୟ ନେତୃତ୍ୱଙ୍କ ପାଇଁ ଏକପ୍ରକାର ଚ୍ୟାଲେଞ୍ଜ ହୋଇଛି । ଯଦିଓ ବିଜେଡିରେ ଏଠାରେ ଗୋଷ୍ଠୀକନ୍ଦଳ ଓ ଛକପଞ୍ଝା ରହିଛି । ତଥାପି ଉପନିର୍ବାଚନ ପାଇଁ ବିଜେଡିର ରଣନୀତି ଓ ଫୋକସ୍ କେବଳ 'ବିଜୟ' ଉପରେ ନିବଦ୍ଧ ଥିବାରୁ ଦୁଇ ବିରୋଧୀ ଦଳ ନିମନ୍ତେ ବିଜେଡିର ରଣନୀତିକୁ ଭେଦ କରିବା ଏକପ୍ରକାର ଚ୍ୟାଲେଞ୍ଜ ହେବ । ବିଜେଡିର ଉପନିର୍ବାଚନ ରଣନୀତିର ଇତିହାସ ଯାହା ଦଳ ନିଜର ପ୍ରାର୍ଥୀଙ୍କୁ ଜିତାଇବା ପାଇଁ କଳବଳକୌଶଳ ସବୁ ଲଗାଇ ଦେଇଥାଏ । ଗତ ୩ବର୍ଷ ମଧ୍ୟରେ ବିଜେପୁର, ବାଲେଶ୍ୱର, ତିର୍ତ୍ତୋଲ ଓ ପିପିଲିରେ ଉପନିର୍ବାଚନକୁ ବିଜେଡି କିଭଳି ଲଢ଼ିଛି ତାହା ସମଗ୍ର ରାଜ୍ୟ ଦେଖିଛି । ତେଣୁ ବ୍ରଜରାଜନଗର ଉପନିର୍ବାଚନକୁ ଦଳ କେତେ ସୁଚିନ୍ତିତ ରଣନୀତି ଓ କଳବଳକୌଶଳ ଖଟାଇ ଲଢ଼ିବ ତାହା ଯେକେହି ଅନୁମାନ କରିପାରିବେ ।ଏହାବ୍ୟତୀତ ବରଗଡ ଲୋକସଭା ଆସନ ଅନ୍ତର୍ଗତ ବ୍ରଜରାଜନଗର ବିଧାନସଭା ଆସୁଛି । ଏହି ଲୋକସଭା ଆସନ ବିଜେପି ପାଖରେ ଥିଲେ ବି ଏହାର ସମସ୍ତ ୭ଟି ବିଧାନସଭାରେ ବିଜେଡିର ବିଧାୟକ । ତୃତୀୟ ମହଲାର ଦୁଇ ନିକଟତମ ମନ୍ତ୍ରୀ ନବ ଦାସ ଓ ସୁଶାନ୍ତ ସିଂ ଏହି ଲୋକସଭା ଆସନରୁ ପ୍ରତିନିଧିତ୍ୱ କରୁଛନ୍ତି । ବିଜେଡି ମହିଳା ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ ମଧ୍ୟ ଏହି ଲୋକସଭା ମଣ୍ଡଳୀରୁ ବିଧାୟିକା ଅଛନ୍ତି । ତେଣୁ ସେଠାରେ ଦଳୀୟ ପ୍ରାର୍ଥୀଙ୍କ ଜିତିବା ସୁନିଶ୍ଚିତ କରାଇବା ଦାୟିତ୍ୱ ଏହି ଦୁଇ ମନ୍ତ୍ରୀ ଓ ବିଧାୟକମାନଙ୍କ ଉପରେ ନ୍ୟସ୍ତ ହେବ । ତେଣୁ ଶାସକ ଦଳ ଏହି ଉପନିର୍ବାଚନ ଜିତିବା ପାଇଁ ସବୁକିଛି ଏକ କରିଦେବ । ଯାହାକୁ ଟକ୍କର ଦେବା ଉଭୟ ବିଜେପି ଓ କଂଗ୍ରେସ ପକ୍ଷେ ସହଜ ହେବନାହିଁ ବୋଲି ରାଜନୀତିକ ମହଲରେ ଚର୍ଚ୍ଚା ହେଉଛି ।ସୂଚନା ଅନୁସାରେ, ବିଜେଡି ଏଠାରେ ଦିବଂଗତ ଶ୍ରୀ ମହାନ୍ତିଙ୍କ ପତ୍ନୀ ଅଳକା ମହାନ୍ତିଙ୍କୁ ପ୍ରାର୍ଥୀ କରିବାର ଏକପ୍ରକାର ସୁନିଶ୍ଚିତ ଥିବାବେଳେ ବିଜେପି ମଧ୍ୟ ରାଧାରାଣୀ ପଣ୍ଡାଙ୍କୁ ଦଳୀୟ ପ୍ରାର୍ଥୀ କରିବାର ଯଥେଷ୍ଟ ସମ୍ଭାବନା ଅଛି । କଂଗ୍ରେସ ନିଜର ପ୍ରାର୍ଥୀ ଭାବେ କିଶୋର ପଟେଲଙ୍କୁ ମଇଦାନକୁ ଓହ୍ଲାଇପାରେ ବୋଲି ଜଣାପଡିଛି । ଏହି ନିର୍ବାଚନମଣ୍ଡଳୀର ପ୍ରାୟ ୨ଲକ୍ଷ ୧୪ହଜାର ୨୬୧ଜଣ ଭୋଟର ଆସନ୍ତା ଉପନିର୍ବାଚନରେ ନିଜର ମତାଧିକାର ସାବ୍ୟସ୍ତ କରିବାର ସମ୍ଭାବନା ରହିଛି ।

## କାଳବୈଶାଖୀ ପାଇଁ ୧୬ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି

ଭୁବନେଶ୍ୱର, ୩।୫(ପି.ଏନ): ୪ ତାରିଖ ବେଳକୁ ଦକ୍ଷିଣ ଆଣ୍ଡାମାନ ସାଗର ଏବଂ ନିକଟବର୍ତ୍ତୀ ଅଂଚଳରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ରହିଛି । ଏହାର ପ୍ରଭାବରେ,୬ ତାରିଖରେ ସମାନ ଅଂଚଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ଅଛି । ପରବର୍ତ୍ତୀ ୨୪ ଘଂଟା ମଧ୍ୟରେ ଏହା ଅଧିକ ଚିହ୍ନିତ ହୋଇପାରେ । ଏହାର ପ୍ରଭାବରେ ଆସନ୍ତା ଏକ ସପ୍ତାହ ପର୍ଯ୍ୟନ୍ତ ରାଜ୍ୟରେ କାଳବୈଶାଖୀ ଜନିତ ବର୍ଷାର ସମ୍ଭାବନା ରହିଛି ବୋଲି ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି ।

ଆସନ୍ତା ୮ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ଜିଲ୍ଲାରେ କାଳବୈଶାଖୀର ସମ୍ଭାବନା ରହିଛି । ପାଣିପାଗ କେନ୍ଦ୍ର ପକ୍ଷରୁ ଜାରି ସତର୍କ ସୂଚନା ଅନୁଯାୟୀ ଆସନ୍ତା ୨୪ ଘଂଟା ମଧ୍ୟରେ ରାଜ୍ୟର ନବରଙ୍ଗପୁର, ନୂଆପଡା ଓ କଳାହାଣ୍ଡି ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ବଜ୍ରପାତ ଓ ପବନ ସହ କାଳବୈଶାଖୀର ସମ୍ଭାବନା ରହିଛି । ଏହି ସମୟ ମଧ୍ୟରେ ବାଲେଶ୍ୱର ,ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ମାଲକାନାଗିରି, ରାୟଗଡ଼ା, କୋରାପୁଟ, କନ୍ଧମାଳ, ଗଜପତି, କେନ୍ଦୁଝର ଓ ମୟୂରଭଂଜଆଦି ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ପବନର ବେଗ ଘଂଟାପ୍ରତି ୩୦ରୁ ୪୦ କିଲୋମିଟର ପର୍ଯ୍ୟନ୍ତ ରହିପାରେ । ଏହାକୁ ଦୃଷ୍ଟିରେ ରଖି ଏହି ୧୬ଟି ଜିଲ୍ଲା ପାଇଁ ୟେଲୋୱାର୍ଣ୍ଣିଂ ଜାରି କରିଛି ପାଣିପାଗ କେନ୍ଦ୍ର । ସେହିପରି ୪ରୁ ୫ ତାରିଖ ମଧ୍ୟରେ କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର,ପୁରୀ, ଖୋର୍ଦ୍ଧା, ନୟାଗଡ, ଅନୁଗୁଳ, ଢେଙ୍କାନାଳ, କନ୍ଧମାଳ, ରାୟଗଡା, କୋରାପୁଟ, ମାଲକାନଗିରି ଗଜପତି ଓ ଗଂଜାମ ଜିଲ୍ଲାରେ ବଜ୍ରପାତ ସହ କାଳବୈଶାଖୀ ସମ୍ଭାବନା ରହିଛି । ଏହି ସମୟ ମଧ୍ୟରେ ସୁନ୍ଦରଗଡ, କେନ୍ଦୁଝର, ମୟୁରଭଂଜ, ବାଲେଶ୍ୱର ,ଭଦ୍ରକ ଓ ଯାଜପୁର ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ଘଂଟା ପ୍ରତି ୪୦ରୁ ୫୦ କିମି ବେଗରେ ପବନ ବହିବାର ସମ୍ଭାବନା ରହିଛି । ଏହି ଜିଲ୍ଲାଗୁଡିକୁ ମଧ୍ୟ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ଅପରପକ୍ଷରେ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଥିବା ଜିଲ୍ଲା ଗୁଡ଼ିକରେ ସୃଷ୍ଟି ହେବାକୁ ଥିବା ସମ୍ଭାବ୍ୟ ସ୍ଥିତିକୁ ଦୃଷ୍ଟିରେ ରଖି ପ୍ରଶାସନିକ କଳକୁ ପ୍ରସ୍ତୁତ ରଖିବାକୁ ଏସ୍‌ଆରସିଙ୍କ ପକ୍ଷରୁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ବର୍ଷା ହେଲେ ଏସ୍‌ଆରସିଙ୍କ କାର୍ଯ୍ୟାଳୟକୁ ଜଣାଇବାକୁ କୁହାଯାଇଛି । ସେହିଭଳି ଝଡ଼ବର୍ଷା ଓ ବଜ୍ରପାତ ଯୋଗୁ କୌଣସି ପ୍ରକାର କ୍ଷୟକ୍ଷତି ହେଲେ, ସେ ସଂପର୍କରେ ମଧ୍ୟ ଜଣାଇବାକୁ କୁହାଯାଇଛି ।

## ବିଧାୟକ ସୁବାସ ପାଣିଗ୍ରାହୀଙ୍କୁ ମୁକ୍ତ କରିବା ଦାବିରେ ରାଜ୍ୟପାଳଙ୍କୁ ଭେଟିଲା ବିଜେପି

ଭୁବନେଶ୍ୱର, ୩।୫(ପି.ଏନ): ନିର୍ବାଚିତ ଜନପ୍ରତିନିଧି ତଥା ଦେବଗଡ ବିଧାୟକ ସୁବାସ ପାଣିଗ୍ରାହୀଙ୍କ ବିରୋଧରେ ଷଡଯନ୍ତ୍ର ରଚାଯାଇ ରୁଜୁ ହୋଇଥିବା ମିଛ କେସ୍‌କୁ ପ୍ରତ୍ୟାହାର କରାଯାଇ ତାଙ୍କୁ ମୁକ୍ତ କରାଯାଉ । ବିଧାୟକ ଶ୍ରୀ ପାଣିଗ୍ରାହୀଙ୍କ ଦ୍ୱାରା ପ୍ରଥମେ ରୁଜୁ ହୋଇଥିବା ଏଫଆଇଆର ଆଧାରରେ ତିଲେଇବଣି ବିଡିଓଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ । ବ୍ଲକ୍ ସର୍କୁଲାର୍ - ୪୭ ର ସଠିକ୍ କାର୍ଯ୍ୟକାରିତା ପାଇଁ ରାଜ୍ୟ ସରକାର କଠୋର ଆଭିମୁଖ୍ୟ ଓ ବିହୀତ ପଦକ୍ଷେପ ଗ୍ରହଣ କରିବା ଦାବୀରେ ବିଜେପି ପ୍ରତିନିଧି ଦଳ ମଙ୍ଗଳବାର ରାଜ୍ୟପାଳଙ୍କୁ ସାକ୍ଷାତ କରି ସ୍ମାରକ ପତ୍ର ପ୍ରଦାନ କରିଛନ୍ତି ।ବିଧାୟକ ଶ୍ରୀ ପାଣିଗ୍ରାହୀଙ୍କୁ ତିଲେଇବଣି ବିଡିଓଙ୍କ ବିଶୃଙ୍ଖଳିତ ଆଚରଣ ଓ ଦୁର୍ବ୍ୟବହାର ପ୍ରଦର୍ଶନକୁ ଆଧାର କରି ବିଧାୟକ ଶ୍ରୀ ପାଣିଗ୍ରାହୀ ପ୍ରଥମେ ଥାନାର ଦ୍ୱାରସ୍ଥ ହୋଇ ଏଫଆଇଆର ରୁଜୁ କରିଥିଲେ । କିନ୍ତୁ ସରକାରଙ୍କ ପରୋକ୍ଷ ଚାପରେ ବିଧାୟକଙ୍କ ଅଭିଯୋଗକୁ ତଦନ୍ତ କରାଗଲା ନାହିଁ । କିନ୍ତୁ ବିଡିଓଙ୍କ ଅଭିଯୋଗକୁ ଭିତିକରି ବିନା ତଦନ୍ତରେ ବିଧାୟକଙ୍କୁ ତାଙ୍କ ଭୁବନେଶ୍ୱର ବାସଭବନରୁ ଗିରଫ କରାଯାଇଛି । ସୁପରିକଳ୍ପିତ ଏବଂ ଷଡଯନ୍ତ୍ର ରଚାଯାଇ ମିଛ କେସ୍‌ରେ ବିଧାୟକଙ୍କୁ ଗିରଫ କରାଯିବା ସଂପୂର୍ଣ୍ଣ ଅଗଣତାନ୍ତ୍ରୀକ । ତେଣୁ ଶ୍ରୀ ପାଣିଗ୍ରାହୀଙ୍କ ବିରୋଧରେ ଥିବା ମିଛ କେସ୍‌କୁ ପ୍ରତ୍ୟାହାର କରାଯାଇ ତାଙ୍କୁ ମୁକ୍ତ କରାଯାଉ । ଏଥି ସହ ବିଧାୟକ ଶ୍ରୀ ପାଣିଗ୍ରାହିଙ୍କ ଏଫଆଇଆର ଆଧାରରେ ବିଡିଓଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ପ୍ରତିନିଧି ଦଳ ଦାବୀ କରିଛି ବୋଲି ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ଚରଣ ମାଝୀ କହିଛନ୍ତି ।

## ମୁଠି ଅନୁକୂଳ କଲେ ଖାଦ୍ୟଯୋଗାଣ ମନ୍ତ୍ରୀ

ଭୁବନେଶ୍ୱର, ୩।୫(ପି.ଏନ): ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ, ସମବାୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଆଠଗଡ ବ୍ଲକର ରାଧାଗୋବିନ୍ଦପୁର ପଂଚାୟତ ଅନ୍ତର୍ଗତ ଲକ୍ଷ୍ମୀନାରାୟଣପୁର ଏବଂ ଟିଗିରିଆ ବ୍ଲକର ପାଂଚ ଗାଁ ଅନ୍ତର୍ଗତ ତେନ୍ତୁଳିରଗଡି ଗ୍ରାମରେ ବ୍ଲକସ୍ତରୀୟ ଅକ୍ଷୟ ତୃତୀୟା, କୃଷକ ଦିବସ ଓ ମୁଠି ଅନୁକୂଳ କାର୍ଯ୍ୟକ୍ରମରେ ଯୋଗଦାନ କରିଛନ୍ତି । କୃଷିଭିତିକ ପର୍ବ ଅକ୍ଷୟ ତୃତୀୟା ଓ କୃଷକ ଦିବସ ଉପଲକ୍ଷେ ମନ୍ତ୍ରୀ ଶ୍ରୀ ସ୍ୱାଇଁ ରାଜ୍ୟର କୃଷକ ଭାଇଭଉଣୀମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହିତ ଏ ବର୍ଷର ଚାଷ କାର୍ଯ୍ୟ ଚାଷୀଭାଇମାନଙ୍କ ପାଇଁ ଅନୁକୂଳ ହେଉ ବୋଲି କାମନା କରିଛନ୍ତି ।

## ଝରିଗାଁ ବିଧାୟକ ପ୍ରକାଶ ମାଝୀଙ୍କ ବିରୋଧରେ ଯୌନ ନିର୍ଯାତନା ଅଭିଯୋଗ : କୁଶପୁତଳିକା ଦାହ କଲା କଂଗ୍ରେସ

ଭୁବନେଶ୍ୱର, ୩।୫(ପି.ଏନ): ନବରଙ୍ଗପୁର ଜିଲ୍ଲା ଝରିଗାଁ ବିଧାୟକ ପ୍ରକାଶ ମାଝୀଙ୍କ ବିରୋଧରେ ଆସିଛି ଯୌନ ନିର୍ଯାତନା ଭଳି ସଙ୍ଗୀନ ଅଭିଯୋଗ । ଗତ ୩ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ବିଧାୟକ ଜଣେ ଯୁବତୀଙ୍କୁ ଯୌନ ଶୋଷଣ କରୁଥିବା ବେଳେ ଏବେ ହତ୍ୟା ଧମକ ଦେଉଥିବା ଅଭିଯୋଗ ହୋଇଛି । ଏନେଇ ଖଣ୍ଡଗିରି ଥାନାରେ ଲିଖିତ ଅଭିଯୋଗ ସତ୍ତ୍ୱେ ପୋଲିସ୍ ଏତଲା ଗ୍ରହଣ କରୁ ନ ଥିବା କଂଗ୍ରେସ ଅଭିଯୋଗ କରିଛି । ଏହି ଘଟଣାରେ ଆଜି ବିଧାୟକ ପ୍ରକାଶ ମାଝୀଙ୍କ କୁଶପୁତଳିକା ଦାହ କରିବା ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛି ଜିଲ୍ଲା କଂଗ୍ରେସ । ଏଥିସହ ପୀଡ଼ିତାଙ୍କୁ ନ୍ୟାୟ ନ ମିଳିଲେ ଜିଲ୍ଲାର ପ୍ରତ୍ୟେକ ଥାନା ଘେରାଉ କରାଯିବା ସହ ଜିଲ୍ଲା ବନ୍ଦ ଡାକରା ଦିଆଯିବ ବୋଲି ଚେତାବନୀ ଦେଇଛି ।ମଙ୍ଗଳବାର ନବରଙ୍ଗପୁର ଜିଲ୍ଲା କଂଗ୍ରେସ ସଭାପତି ମୁନା ତ୍ରିପାଠୀ, ବିଜେପି ଜିଲ୍ଲା ସଭାପତି ଜଗଦୀଶ ଚନ୍ଦ୍ର ବିଶୋଇ ଓ ବିଜେପି ବିଧାୟକ ପ୍ରାର୍ଥୀ ଗୌରୀଶଙ୍କର ମାଝି ବିଧାୟକଙ୍କ ବିରୋଧରେ ପୃଥକ ଭାବେ ଏହି ସଙ୍ଗୀନ ଅଭିଯୋଗ ଆଣିଛନ୍ତି । କଂଗ୍ରେସ ପକ୍ଷରୁ ଆଜି ଏକ ସାମ୍ବାଦିକ ସମ୍ମିଳନୀ କରାଯାଇ ବିଧାୟକଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଦାବି ହୋଇଛି । ଏଥିସହ ତାଙ୍କର ସଭ୍ୟପଦ ରଦ୍ଦ କରାଯାଉ ବୋଲି କଂଗ୍ରେସ ଦାବି କରିଛି । କଂଗ୍ରେସ ପକ୍ଷରୁ ନବରଙ୍ଗପୁରରେ ବିଧାୟକଙ୍କ କୁଶପୁତଳିକା ଦାହ କରାଯାଇଛି । ଅପରପକ୍ଷରେ ବିଜେପି ଅଭିଯୋଗ କରିଛି ଯେ ସରକାର ଦୋମୁହାଁ ନୀତି ଅବଲମ୍ବନ କରୁଛନ୍ତି । ବିଡିଓଙ୍କୁ ଆକ୍ରମଣ ଘଟଣାରେ ବିଧାୟକ ସୁବାସ ପାଣିଗ୍ରାହୀ ଗିରଫ ହୋଇଥିବା ବେଳେ ପୋଲିସ ଝରିଗାଁ ବିଧାୟକଙ୍କ ବିରୋଧରେ ଏତଲା ରଖୁନାହିଁ । ଆଇନ ଏଠାରେ ଠିକ ରାସ୍ତାରେ ଯାଉନାହିଁ ବୋଲି ଅଭିଯୋଗ କରିଛି ବିଜେପି ।ଅଭିଯୋଗ ଅନୁଯାୟୀ ବିଧାୟକ ଜଣକ ନିଜକୁ ଅବିବାହିତ କହି ଭୁବନେଶ୍ୱରର ଯୁବତୀଙ୍କ ସହ ପ୍ରାୟ ୩ ବର୍ଷ ପୂର୍ବେ ଶାରୀରିକ ସମ୍ପର୍କ ରଖିଥିଲେ । ଇତି ମଧ୍ୟରେ ଯୁବତୀ ଜଣକ ଗର୍ଭବତୀ ହୋଇଥିବା ବେଳେ ତାଙ୍କ ଗର୍ଭ ନଷ୍ଟ କରାଯାଇଥିଲା । ବିଧାୟକ ଜଣକ ପୂର୍ବରୁ ବିବାହିତ ବୋଲି ଜାଣିବା ପରେ ଯୁବତୀ ବିଧାୟକଙ୍କୁ ସମ୍ପର୍କ ଛିନ୍ନ କରିବାକୁ କହିଥିଲେ । କିନ୍ତୁ ବିଧାୟକ ତାଙ୍କ କଥା ମାନିବାକୁ ଅରାଜି ହେବା ସହ ପୂର୍ବ ପରି ସମ୍ପର୍କ ଚାଲୁ ରଖିବାକୁ ଚାପ ପକାଇଲେ । ଯୁବତୀ ଜଣକ ଏହାର ପ୍ରତିରୋଧ କରିବାରୁ ଦୁଇ ତିନି ଦିନ ତଳେ କିଛି ଯୁବକ ଜାଗମରାସ୍ଥିତ ଯୁବତୀଙ୍କ ଘରକୁ ଯାଇ ସେଠାରେ ଗଣ୍ଡଗୋଳ ହୋଇଥିଲା । ଏହାପରେ ଯୁବତୀ ଜଣକ ଖଣ୍ଡଗିରି ଥାନାରେ ଅଭିଯୋଗ କରିଛନ୍ତି । ହେଲେ ପୁଲିସ୍ ବିଧାୟକଙ୍କୁ ଗିରଫ କରିବା କ୍ଷେତ୍ରରେ ଟାଳଟୁଳ ନୀତି ଆପଣାଉଥିବା ଅଭିଯୋଗ ହେଉଛି ।ଏପରି କି ଏତଲାମଧ୍ୟ ରଖୁ ନଥିବା ଅଭିଯୋଗ ହୋଇଛି ।

## ଅକ୍ଷୟ ତୃତୀୟାରେ କାଳିଆ ଟଙ୍କା ଦେଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୩।୫(ପି.ଏନ): ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର ଅକ୍ଷୟ ତୃତୀୟା ଓ କୃଷକ ଦିବସ ଅବସରରେ ରାଜ୍ୟର କୃଷକ ମାନଙ୍କୁ କାଳିଆ ଯୋଜନାର ସହାୟତା ପ୍ରଦାନ କରିଛନ୍ତି । ଏହାଦ୍ୱାରା ଝାରସୁଗୁଡା ବ୍ୟତୀତ ରାଜ୍ୟର ପ୍ରାୟ ୪୦ ଲକ୍ଷ କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କ ବ୍ୟାଙ୍କ ଖାତାକୁ ପାଖାପାଖି ୮୦୦ କୋଟି ଟଙ୍କା ସିଧାସଳଖ ପ୍ରଦାନ କରାଯାଇଛି । ଚାଷୀ ମାନଙ୍କୁ ଏହି ଟଙ୍କାକୁ ଚାଷ କାମରେ ଲଗାଇ କୃଷିରେ ଉନ୍ନତି ଆଣିବା ପାଇଁ ଏହି ଅବସରରେ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି ।ଭିଡିଓ କନ୍‌ଫରେନ୍‌ସିଂ ଜରିଆରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ କହିଲେ ଯେ ଚାଷୀ ଆମ ଅର୍ଥନୀତିର ମୁଖ୍ୟ ଆଧାର । ଆମର କୃଷକମାନେ କେବଳ ଓଡିଶା ନୁହେଁ, ସାରା ଦେଶର ଖାଦ୍ୟ ସୁରକ୍ଷାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି ଓ ଓଡିଶା ପାଇଁ ଗୌରବ ଆଣିଛନ୍ତି । ଏଥିପାଇଁ ମୁଖ୍ୟମନ୍ତ୍ରୀ ଚାଷୀ ଭାଇଭଉଣୀ ମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି ।କୃଷି ବିକାଶ ଓ କୃଷକ କଲ୍ୟାଣ ରାଜ୍ୟ ସରକାରଙ୍କ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।ଏହି ଅବସରରେ କୃଷି ବିକାଶ ପାଇଁ ୮ଟି ନୂଆ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା । ପଣସ ମିଶନ ଓ ରିୱାର୍ଡ କାର୍ଯ୍ୟକ୍ରମର ଶୁଭାରମ୍ଭ ହେବା ସହିତ ମିଲେଟ୍ ମିଶନ ଓ ସମନ୍ୱିତ କୃଷି ପ୍ରୋତ୍ସାହନ ନିମନ୍ତେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ର ପ୍ରସାର ମଧ୍ୟ କରାଯାଉଛି । ସୂଚନାଯୋଗ୍ୟ ଯେ ପଣସ ମିଶନରେ ୯ଟି ଜିଲ୍ଲାର ପଣସ ଚାଷୀଙ୍କ ପାଇଁ ୯୭ କୋଟି ଟଙ୍କାର ପ୍ରୋତ୍ସାହନ ରଖାଯାଇଥିବା ବେଳେ, ରିୱାର୍ଡ ଯୋଜନାରେ ବୈଜ୍ଞାନିକ ପ୍ରଣାଳୀରେ ଜଳବିଭାଜିକା କାର୍ଯ୍ୟକ୍ରମ ଜରିଆରେ ଚାଷ ଜମିର ଉତ୍ପାଦକତା ବୃଦ୍ଧି ପାଇଁ ୫୦୦ କୋଟି ଟଙ୍କାର ଅର୍ଥ ବ୍ୟବସ୍ଥା କରାଯାଇଛି । ସେହିପରି ଓଡିଶା ମିଲେଟ୍ ମିଶନରେ ୧୯ଟି ଜିଲ୍ଲାର ୧୮୨ଟି ବ୍ଲକ୍ ର ଚାଷୀ ମାନଙ୍କ ପାଇଁ ୨୮୦୮ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଥିବା ବେଳେ ସମନ୍ୱିତ କୃଷିର ପ୍ରୋତ୍ସାହନ ପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ୮ଟି ଜିଲ୍ଲାର ୧.୮ ଲକ୍ଷ କୃଷକ ପରିବାରକୁ ସାମିଲ କରିବା ପାଇଁ ୨୩୯ କୋଟି ଟଙ୍କାର ଅର୍ଥ ବ୍ୟବସ୍ଥା କରାଯାଇଛି ।





# ଟି ଟାଇମ୍



## ଜୋକ୍ସ

ଚିଣ୍ଟୁ-ବାପା କାଲି ଆମ ସ୍କୁଲକୁ ଯିବ, ଗୋଟେ ଛୋଟିଆ ଗେଟ ଟୁଗେଦର ଅଛି
ବାପା-କିଏ କିଏ ଆସୁଛନ୍ତି ?
ଚିଣ୍ଟୁ-କେହି ନୁହେଁ, ମୁଁ ତମେ ଆଉ ପ୍ରିନ୍ସପାଲ।

ହରି-ମୁଁ ଯେତେବେଳେ ଏଠାକୁ ଆସିଲି ଖାଲି ପାଦରେ ଆସିଥିଲି ।
ଶାମ- ମୁଁ ତ ଖାଲି ଦେହରେ ଆସିଥିଲି।
ହରି-କିପରି ?
ଶାମ- ମୁଁ ପରା ଏଇଠି ଜନ୍ମ ହୋଇଛି ।

# ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ



ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାବ୍ରୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ । ଯେବେ ବି ଥକ୍କାପଣ ଅନୁଭବ ହୁଏ ତେବେ ୧୫ କିମ୍ବା ୨୦ମିନିଟ୍‌ର ବିଶ୍ରାମ ଯେମିତି ହେଲେ ନେବେ । ନୀଦ ପୂରା ନହେଲେ ଶରୀରର ଓଜନ ମଧ୍ୟ ବଢ଼ିଥାଏ ଓ ଥକ୍କାପଣ ଜଲଦି ଆସିଯାଇଥାଏ ।

# ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

## ପୁରାଣ କାହାଣୀ

# ରାମାୟଣ ଆଦ୍ୟକାଣ୍ଡ

ସରଜୁ ନଦୀ କୂଳରେ ଅବସ୍ଥିତ ଅଯୋଧ୍ୟା ନଗରୀ ହେଉଛି କୋଶଳ ରାଜ୍ୟର ରାଜଧାନୀ। କୋଶଳ ନରେଶ ରାଜା ଦଶରଥଙ୍କ ରାଜତ୍ୱ କାଳରେ ପ୍ରଜାମାନେ ଅତ୍ୟନ୍ତ ସୁଖରେ କାଳାତିପାତ କରୁଥିଲେ। ରାଜା ଦଶରଥଙ୍କ ତିନି ରାଣୀ ଥିଲେ କୌଶଲ୍ୟା, କୈକେୟୀ ଏବଂ ସୁମିତ୍ରା। ମାତ୍ର ବହୁ ଦିନ ଧରି ରାଜା ଅପୁତ୍ରୀକ ଥିଲେ। ତେଣୁ ଋଷି ବଶିଷ୍ଠଙ୍କ ପରାମର୍ଶ କ୍ରମେ ଋଶ୍ୟଶୃଙ୍ଗ ମୁନୀଙ୍କୁ ନିମନ୍ତ୍ରଣ କରି ତାଙ୍କରି ଦ୍ୱାରା ରାଜା ପୁତ୍ରେଷ୍ଟି ଯଜ୍ଞର ଆୟୋଜନ କଲେ। ଯଜ୍ଞର ଫଳର ସ୍ୱରୂପ ପ୍ରଥମେ ରାଣୀ କୌଶଲ୍ୟାଙ୍କ ଗର୍ଭରୁ ରାମ, ରାଣୀ କୈକେୟୀଙ୍କ ଗର୍ଭରୁ ଭରତ ଏବଂ ସୁମିତ୍ରାଙ୍କ ଗର୍ଭରେ ଲକ୍ଷ୍ମଣ ଓ ଶତ୍ରୁଘ୍ନ ଜନ୍ମ ନେଲେ। ପୁରାଣ କହେ, ରାକ୍ଷାସ ରୂପି ରାବଣ ଦେବଗଣଙ୍କୁ ଅତ୍ୟାଚାର କରୁଥିଲା ଏବଂ ରାବଣର ମୃତ୍ୟୁ ମାନବାତାର ରାମଙ୍କ ଦ୍ୱାରା ନିଶ୍ଚିତ ଥିଲା। ତେଣୁ ରାବଣ ବଦ୍ଧ ନିମନ୍ତେ ମର୍ତ୍ତ୍ୟରେ ମାନବ ଅବତାର ଧାରଣ କରିବାକୁ



ଭଗବାନ ବିଷ୍ଣୁ ଇଚ୍ଛା ପ୍ରକଟ କରନେତ୍ ତାଙ୍କରି ଅଂଶରୁ ଭଗବାନଙ୍କ ଗୁଣ ସମ୍ପନ୍ନ ଚାରିପୁଅ ଦଶରଥଙ୍କ କୋଳରେ ଜନ୍ମ ଗ୍ରହଣ କରିଥିଲେ। ସମୟ କ୍ରମେ ଚାରିପୁଅ ଶାସ୍ତ୍ର ବିଦ୍ୟା ଅଧ୍ୟୟନ ସହ ଶାସ୍ତ୍ର ବିଦ୍ୟାରେ ନିପୁଣତା ହାସଲ କଲେ। ରାମଙ୍କୁ ହୋଇଥାଏ ୧୬ ବର୍ଷ ବୟସ। ଋଷି ବିଶ୍ୱାମିତ୍ର ଦିନେ ରାଜା ଦଶରଥଙ୍କ ଦରବାରକୁ ଆସିଲେ। ବଣରେ ଯଜ୍ଞ ନଷ୍ଟ କରୁଥିବା ଅସୁର ଗଣଙ୍କୁ ନିପାତ କରିବା ପାଇଁ ସହାୟତା ସ୍ୱରୂପ ସେ ରାଜା ଦଶରଥଙ୍କୁ ପୁତ୍ର ରାମଙ୍କୁ ମାଗିଲେ। ଭ୍ରାତା ଲକ୍ଷ୍ମଣ ରାମଙ୍କୁ ଅନୁସରଣ କରିବାକୁ ଇଚ୍ଛା ପ୍ରକଟ କରନ୍ତେ ରାଜାଙ୍କ ସମ୍ମତି କ୍ରମେ ଋଷି ରାମ ଓ ଲକ୍ଷ୍ମଣଙ୍କୁ ଧରି ବଣକୁ ଚାଲିଲେ। ସମୟ କ୍ରମେ ରାମ ଓ ଲକ୍ଷ୍ମଣ ଋଷି ମିଶ୍ୱାମିତ୍ରଙ୍କଠାରୁ ବହୁ ଶସ୍ତ୍ର ବିଦ୍ୟା ସହିତ ବିଭିନ୍ନ ଦୈବୀ ଅସ୍ତ୍ର ମଧ୍ୟ ଲାଭ କଲେ ଓ ଋଷିଙ୍କ ହୋମରେ ବିଘ୍ନ ସୃଷ୍ଟି କରୁଥିବା ତାଡକା ଅସୁରୁଣୀ ସହିତ ଅନ୍ୟାନ୍ୟ ଅସୁରମାନଙ୍କୁ ବଦ୍ଧ କଲେ।

# ଗରିବରୁ ହେଲେ ଧନୀ

ଗରିବ ଚାଷୀ ପରିବାରରେ ଜନ୍ମ ହୋଇଥିଲା ତାଙ୍କର। ମାତ୍ର ନିଜର ଦୃଢ଼ଇଚ୍ଛା ଶକ୍ତି ଓ ପରିଶ୍ରମ ବଳରେ ସେ ଆଜି ପାଇଛନ୍ତି ସଫଳତା। କୌଣସି ଡିଗ୍ରୀ ନଥାଇ ମଧ୍ୟ ସେ ଆଜି ସଫଳ ଉଦେଷ୍ୟାଗପତି। ପ୍ରତିଷ୍ଠା କରିଛନ୍ତି ଏୟାରଲାଇନ କମ୍ପାନୀ। ଯାହାଦ୍ୱାରା ତାଙ୍କ ଅଞ୍ଚଳରେ ଜମୁଛି ପର୍ଯ୍ୟଣ୍ଟ୍ୟଟକଙ୍କ ଭିଡ। ଏହି ଉଦେଷ୍ୟାଗପତି ଜଣକ ହେଉଛନ୍ତି ବୁଦ୍ଧିପ୍ରକାଶ ଠାକୁର। ହିମାଚଳ ପ୍ରଦେଶ କୁଲୁ ଜିଲ୍ଲାର ଖାକନାଲ ଗ୍ରାମରେ ଏକ ଚାଷୀ ପରିବାରରେ ଜନ୍ମ ହୋଇଥିଲା ବୁଦ୍ଧି ପ୍ରକାଶଙ୍କର। ତାଙ୍କ ବାପା ନିଜ ଅଧିନରେ ଥିବା କିଛି ଜମି ଚାଷ କରି ପରିବାର ପ୍ରତିପୋଷଣ କରୁଥିଲେ। ନିଜେ ଅଶିକ୍ଷିତ ହେଲେ ମଧ୍ୟ ପିଲାମାନଙ୍କୁ ପାଠପଢାର ସୁଯୋଗ ଦେଇଥିଲେ ତାଙ୍କ ବାପା। ଯାହାଦ୍ୱାରା ବୁଦ୍ଧି ପ୍ରକାଶ ଓ ତାଙ୍କ ଦୁଇ ଭାଇ ଗ୍ରାମର ଏକ ସରକାରୀ ସ୍କୁଲରେ ପାଠପଢୁଥିଲେ। ପାଠପଢା ସହ ମଧ୍ୟ ବୁଦ୍ଧି ପ୍ରକାଶ ତାଙ୍କ ବାପାଙ୍କୁ ଚାଷ କାର୍ଯଣ୍ଟ୍ୟରେ ସାହାଯଣ୍ଟ୍ୟ କରୁଥିଲେ। ସ୍କୁଲ ଶେଷ କରିବା ପରେ ବୁଦ୍ଧି ଉଚ୍ଚ ଶିକ୍ଷା ପାଇଁ ଚାଲିଯାଇଥିଲେ ଚଣ୍ଡିଗଡ।



ସେଠାରେ ଯୁକ୍ତ ଦୁଇ ଶେଷ କରିବା ପରେ ଚଣ୍ଡିଗଡ ବିଶ୍ୱବିଦଣ୍ଟ୍ୟାଳୟରେ ସ୍ନାତକରେ ନାମ ଲେଖାଇଥିଲେ। ନାମ ସିନା ଲେଖାଇଦେଲେ କିନ୍ତୁ ପଢା ଶେଷ କରିପାରିଲେ ନାହିଁ। ପରିବାରର ଆର୍ଥିକ ଅବସ୍ଥା ତାଙ୍କୁ ଆଗକୁ ପଢିବା ପାଇଁ ଦେଇନଥିଲା ଏବଂ ସେ ଫେରି ଆସିଥିଲେ ଗ୍ରାମକୁ। ବାପାଙ୍କ ସହ ମିଶି ଆରମ୍ଭ କଲେ ସେଓ ଚାଷ। ଯାହାକି ଧୀରେ ଧୀରେ କରି ବୃଦ୍ଧି ପାଇଥିଲା। ନିଜ ଅଞ୍ଚଳ ବଣ୍ଟ୍ୟତୀତ ଅନଣ୍ଟ୍ୟ ରାଜଣ୍ଟ୍ୟରେ ବିକ୍ରି କରିବା ଆରମ୍ଭ କରିଥିଲେ ସେମାନେ। ଯାହାଦ୍ୱାରା ପରିବାରର ଆର୍ଥିକ ଅବସ୍ଥାରେ କିଛିମାତ୍ରାରେ ସୁଧାର ଆସିଥିଲା। ମନାଲିଠାରୁ ମାତ୍ର ୯କିଲୋମିଟର ଦୂରରେ ଥିବା ତାଙ୍କ ଗ୍ରାମକୁ ଭ୍ରମଣ ଋତୁରେ ଅନେକ ସଂଖଣ୍ଟ୍ୟାରେ ପର୍ଯଣ୍ଟ୍ୟଟକଙ୍କ ଭିଡ ଲାଗିଥାଏ। ବର୍ଷକୁ ବର୍ଷ ପର୍ଯଣ୍ଟ୍ୟଟକଙ୍କ ବର୍ଦ୍ଧିତ ସଂଖଣ୍ଟ୍ୟାକୁ ଦୃଷ୍ଟିରେ ରଖି ବୁଦ୍ଧିପ୍ରକାଶ ଓ ତାଙ୍କ ବାପା ନିଜ ଗ୍ରାମରେ ଏକ ପାଞ୍ଚ ରୁମ ବିଶିଷ୍ଟ ଯାତ୍ରୀ ନିବାସ ନିର୍ମାଣ କରିଥିଲେ। ଏହାର ପ୍ରାୟ ୬ବର୍ଷ ପରେ ତାଙ୍କର ଏହି ଯାତ୍ରୀ ନିବାସ ସାର୍ଥକ ରିସୋର୍ଟରେ ପରିବର୍ତ୍ତିତ ହୋଇଥିଲା। ୫ଟି ରୁମ ବଦଳରେ ୬୫ଟି ରୁମ ରହିଲା। ରିସୋର୍ଟ ଭଲ ଚାଲିବା ସହ ତାଙ୍କ ପରିବାରର ଆର୍ଥିକ ଅବସ୍ଥାରେ ମଧ୍ୟ ବହୁ ସୁଧାର ଆସିଥିଲା। ଧୀରେ ଧୀରେ କରି ବୁଦ୍ଧିପ୍ରକାଶ ମନାଲି ର ପ୍ରତି ଅଞ୍ଚଳରେ ଜଣେ ସମ୍ମାନସ୍ପଦ ହୋଟେଲ ମାଲିକ ଭାବେ ପରିଚିତ ହୋଇଗଲେ। ବିଭିନ୍ନ ଟୁରିଜିମ କମ୍ପାନୀ ମାନଙ୍କ ସହ କାର୍ଯଣ୍ଟ୍ୟ କରିବାର କିଛିବର୍ଷ ପରେ ସେ ହିମାଳୟ ହଲିଡେଜ ନାମରେ ନିଜର ଏକ କମ୍ପାନୀ ଆରମ୍ଭ କରିଥିଲେ। ଏହି କମ୍ପାନୀ ପର୍ଯଣ୍ଟ୍ୟଟକ ମାନଙ୍କୁ ସେମାନଙ୍କୁ ଇଚ୍ଛା ଓ ବଜେଟ ଅନୁଯାୟୀ ସ୍ଥାନକୁ ବୁଲାଇନେଲା। ମାତ୍ର ଏତିକିରେ ତାଙ୍କ ମନଭରି ନଥିଲା। ସେ ଚାହୁଁଥିଲେ କି ଅଧିକରୁ ଅଧିକ ପର୍ଯଣ୍ଟ୍ୟଟକ ମନାଲି ଆସିବା ସହ ତାଙ୍କ ଗ୍ରାମକୁ ମଧ୍ୟ ଆସନ୍ତୁ। କିନ୍ତୁ ଏଥିରେ ବାଧା ସାଜୁଥିଲା ଗମନାଗମନ। ମନାଲିକୁ ସିଧାସଳଖ ଟ୍ରେନ କିମ୍ବା ବିମାନ ଯାଉନଥିଲା ଏବଂ ବସରେ ଯିବା ପର୍ଯଣ୍ଟ୍ୟଟକଙ୍କ ପାଇଁ ବିପଦଜ୍ଜନକ ହେଉଥିଲା। ଏହି ଅସୁବିଧା ସବୁକୁ ଦୂର କରିବା ପାଇଁ ବୁଦ୍ଧିପ୍ରକାଶ ହିମାଳୟ ହଲିଡେଜ କମ୍ପାନୀ ଅଧିନରେ ଆରମ୍ଭ କଲେ ଏୟାର ହିମାଳୟ ନାମରେ କମ୍ପାନୀ। ନିଜ ସଞ୍ଚିତ ଅର୍ଥ ଓ ବଣ୍ଟ୍ୟାଙ୍କରୁ ଋଣ କରି ନିଜ ଅଞ୍ଚଳରେ ପ୍ରତିଷ୍ଠା କଲେ ଏହି ପ୍ରଥମ ଘରୋଇ ବିମାନ ଚଳାଚଳ କମ୍ପାନୀ। ୨୦୧୪ ଅପ୍ରେଲରେ ଅନଣ୍ଟ୍ୟ ଏକ କମ୍ପାନୀ ଠାରୁ ୯ଟି ସିଟ ଥିବା ଏକ ବିମାନ ଭଡାରେ ଆଣି ଚଣ୍ଡିଗଡ ଠାରୁ କୁଲୁ ରୁଟରେ ଚଳାଇଥିଲେ। ପର୍ଯଣ୍ଟ୍ୟଟକଙ୍କ ଭିଡକୁ ଲକ୍ଷଣ୍ଟ୍ୟ କରି ବିମାନକୁ ଦିନରେ ଦୁଇରୁ ତିନି ଥର ଚଳାଯାଇଥିଲା। କିନ୍ତୁ ୨୦୧୫ ବୁଦ୍ଧିପ୍ରକାଶଙ୍କ ପାଇଁ ଖରାପ ସମୟ ଆଣିଥିଲା। କମ୍ପାନୀ ପ୍ରତିଷ୍ଠା ସମୟରେ ଜଣେ ସହଯୋଗୀ ହାତ ଛାଡି ଦେଇଥିବାରୁ ଏକାକୀ ବୁଦ୍ଧିଙ୍କୁ ସମସ୍ତ କାର୍ଯଣ୍ଟ୍ୟ ସମ୍ଭାଳିବାକୁ ପଡିଥିଲା। ଆର୍ଥିକ ସଙ୍କଟ ଯୋଗୁଁ ବଣ୍ଟ୍ୟବସାୟରେ ମାନ୍ଦାବସ୍ଥା ଆସିଥିଲା। ତଥାପି ମଧ୍ୟ ବୁଦ୍ଧି ହାର ମାନିନଥିଲେ। ତାଙ୍କର ନିଷ୍ଠା ଆଜି ବି ଏୟାର ହିମାଳୟକୁ ଭାଙ୍ଗିବାକୁ ଦେଇନାହିଁ। ବୁଦ୍ଧିପ୍ରକାଶଙ୍କ କହିବାନୁଯାୟୀ, ରାସ୍ତା କଠିନ ହୋଇଥିଲେ ମଧ୍ୟ ମୁଁ ମୋ ସ୍ୱପ୍ନ ପୂରଣ କରିବାରୁ ବିଚୁଣ୍ଟ୍ୟତି ହେବି ନାହିଁ।

# ବିହାରରେ ହେବ ବିଶ୍ୱର ସବୁଠାରୁ ବଡ଼ ମନ୍ଦିର

ପାଟନା ଖୁବଶୀଘ୍ର ବିହାରରେ ତିଆରି ହେବାକୁ ଯାଉଛି ବିଶ୍ୱର ସବୁଠାରୁ ବଡ଼ ମନ୍ଦିର। ଏଥିପାଇଁ ସମସ୍ତ ପ୍ରସ୍ତୁତି ଚୂଡାନ୍ତ ପର୍ଯଣ୍ଟ୍ୟାୟରେ ପହଞ୍ଚି ସାରିଛି। ପୂର୍ବରୁ ଏହି ମନ୍ଦିର ତିଆରି ପାଇଁ ତାରିଖ ଧାର୍ଯଣ୍ଟ୍ୟ ହୋଇଥିଲା ବେଳେ କାମ୍ବୋଡିଆ ସରକାରଙ୍କ ବିରୋଧ କାରଣରୁ ମନ୍ଦିରର ଢାଞ୍ଚାରେ ପରିବର୍ତ୍ତନ କରାଯାଉଛି। ପାଟନାସ୍ଥିତ ମହାବୀର ମନ୍ଦିର ଟ୍ରଷ୍ଟର କିଶୋର କୁଣାଳ କହିଛନ୍ତି ଯେ ଆମେ ଏଠାରେ ଏକ ବିରାଟ ରାମାୟଣ ମନ୍ଦିର ନିର୍ମାଣର ନିଷ୍ପତ୍ତି ନେଇଛୁ। ତେବେ କାମ୍ବୋଡିଆ ସରକାର ଅଭିଯୋଗ ଆଣିଥିଲେ ଯେ ପ୍ରସ୍ତାବିତ ମନ୍ଦିରର ଢାଞ୍ଚା ତାଙ୍କ ଦେଶରେ ଥିବା ଅଙ୍ଗକୋର ବାଟ ମନ୍ଦିରର ଢାଞ୍ଚା ସହ ଦିଶୁଛି। ସେଥିପାଇଁ ଆମେ ଏବେ ମନ୍ଦିରର ଢାଞ୍ଚାରେ ପରିବର୍ତ୍ତନ କରିସାରିଛୁ। ଆସନ୍ତା ହୋଲି ପର୍ବ ପରେ ମନ୍ଦିର ନିର୍ମାଣ କାର୍ଯଣ୍ଟ୍ୟ ଆରମ୍ଭ ହେବ। ପ୍ରସ୍ତାବିତ ମନ୍ଦିରଟି ପଶ୍ଚିମ ଚମ୍ପାରଣ୍ଟ୍ୟ ଜିଲାର କେସରିଆ ନିକଟ ଜାନକି ନଗରର ୧୬୫ଏକର ସ୍ଥାନରେ ତିଆରି ହେବ। ପ୍ରଥମ ପର୍ଯଣ୍ଟ୍ୟାୟରେ ରାମାୟଣ ମନ୍ଦିର, ଶିବ ମନ୍ଦିର ଏବଂ ମହାବୀର ମନ୍ଦିରର ନିର୍ମାଣ ହେବାକୁ ଥିବା ବେଳେ ଏବାବଦରେ ୨୦୦କୋଟି ଟଙ୍କା ଖର୍ଚ୍ଚ କରାଯିବ। ମନ୍ଦିରର ମୁଖଣ୍ଟ୍ୟ ଆକର୍ଷଣ ହେଉଛି ଏହାର ୪୦୫ଫୁଟ ଉଚ୍ଚ ଅଷ୍ଟଭୂଜିୟ ମିନାର। ଏହା କାମ୍ବୋଡିଆର ମନ୍ଦିରର ମିନାର ଠାରୁ ୨୧୫ଫୁଟ ଅଧିକ ଉଚ୍ଚ ହେବ। ଏଥିସହ ମନ୍ଦିର ପରିସରରେ ୪୪ଫୁଟ ଉଚ୍ଚ ଏବଂ ୩୩ଫୁଟ ଗୋଲେଇ ବିଶିଷ୍ଟ ଏକ ଶିବ ଲିଙ୍ଗ ମଧ୍ୟ ପ୍ରତିଷ୍ଠା କରାଯିବାର ଯୋଜନା ରହିଛି। ଯାହା ବିଶ୍ୱର ସବୁଠାରୁ ବଡ଼ ଶିବ ଲିଙ୍ଗ ହେବ।



# ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ



ଓଡିଶା ମୟୂରଭଂଜ ଜିଲ୍ଲାର ବାରିପଦା ଠାରେ ଜନ୍ମିତ ଜଣେ ସୁଶାସକ ଓ ଭାଷା ଆନ୍ଦୋଳନର ପୁରୋଧା ଥିଲା। ସେ ରାଜ୍ୟର ମଙ୍ଗଳ ତଥା ପ୍ରଜାଙ୍କ ହିତ ପାଇଁ ସର୍ବଦା ଚେଷ୍ଟିତ୍ ଥିଲେ। ଶ୍ରୀରାମଚନ୍ଦ୍ର ଜଣେ ସରଳ ଓ ଅମାୟିକ ବ୍ୟକ୍ତି ଭାବେ ପରିଚିତ ଥିଲେ। ଛାତ୍ର ବୟସରେ ସହପାଠୀଙ୍କ ସହିତ ସରଳ ଭାବରେ ମିଶୁଥିଲେ। ପାଠ ପଢୁଥିବା ସମୟରେ ସେ ଅନେକ ସ୍ଥାନ ବୁଲି ଯାଇଥିଲେ। ମାତ୍ର ରାଜବେଶ ବା ରାଜ ଢ଼ଙ୍ଗଢ଼ାଙ୍ଗରେ ସେ ଯିବାକୁ ଇଚ୍ଛା କରୁନଥିଲେ। ତାଙ୍କର ଏହି ସରଳ ପ୍ରକୃତି ଯୋଗୁଁ ସେ ସବୁଠାରେ ସମସ୍ତଙ୍କର ଅତି ପ୍ରିୟପାତ୍ର ହୋଇଥିଲେ। ପ୍ରଜା ପାଳନ ରାଜାର ଧର୍ମ ଏ କଥା ଶ୍ରୀରାମଚନ୍ଦ୍ରଙ୍କୁ ଭଲ ଭାବେ ଜଣାଥିଲା। ରାଜଦଣ୍ଡ ଧରିବା ପରେ ଶ୍ରୀରାମଚନ୍ଦ୍ର ରାଜନୀତି ଓ ଦର୍ଶନଶାସ୍ତ୍ରକୁ ଭଲକରି ପଢ଼ିବାରେ ଲାଗିଲେ। ନିଜ ରାଜ୍ୟକୁ ଏକ ଆଦର୍ଶ ରାଜ୍ୟ କରି ଗଢ଼ିବା ପାଇଁ ସେ ବରାବର ଚେଷ୍ଟା କରୁଥିଲେ। ଗୁଣି ଓ ଉଦାର ଲୋକଙ୍କୁ ପାଖରେ ରଖି ସୁଚାରୁ ରୂପେ ରାଜ୍ୟ କରି ଗଢ଼ିବା ପାଇଁ ସେ ବରାବର ଚେଷ୍ଟା କରୁଥିଲେ। ଗୁଣି ଓ ଉଦାର ଲୋକଙ୍କୁ ପାଖରେ ରଖି ସୁଚାରୁ ରୂପେ ରାଜ୍ୟ ଶାସନ କରୁଥିଲେ। ଏହି ସମୟରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ କାର୍ଯ୍ୟଶୈଳୀ ସମଗ୍ର ରାଜ୍ୟରେ ଗୁଞ୍ଜରିତ ହେଉଥିଲା। ତାଙ୍କ ଗୁଣରେ ମୁଗ୍ଧ ହୋଇ ଶ୍ରୀରାମଚନ୍ଦ୍ର ତାଙ୍କୁ ରାଜ୍ୟ ସରକାରଙ୍କ ଓକିଲ ପଦରେ ନିଯୁକ୍ତି କରିଥିଲେ। ପଣ୍ଡିତ ଗୋପବନ୍ଧୁ ସେତେବେଳେ ସକଳ କାର୍ଯ୍ୟରେ ତାଙ୍କର ପରମ ସଖା ରୂପେ ପରାମର୍ଶଦାତାଥିଲେ। ଶ୍ରୀରାମଚନ୍ଦ୍ର ଓ ଗୋପବନ୍ଧୁ ମଧ୍ୟରେ ଏପରି ଘନିଷ୍ଠ ବନ୍ଧୁତା ଥିଲା ଯେ, କୌଣସି କାର୍ଯ୍ୟ କଲାବେଳେ ଶ୍ରୀରାମଚନ୍ଦ୍ର, ଗୋପବନ୍ଧୁଙ୍କ ପରାମର୍ଶ ନେଉଥିଲେ।

# ରେଷ୍ଟୁରାଣ୍ଟରେ ଦିଆଯାଉଥିଲା କୁକୁର ମାଂସ



ହାଇଦ୍ରାବାଦ ଖାସି ମାଂସ ନାମରେ କୁକୁର ମାଂସ ବିକ୍ରି କରୁଥିବା ଅଭିଯୋଗରେ ଏକ ରେଷ୍ଟୁରାଣ୍ଟ ଉପରେ ନିକଟରେ ଗ୍ରେଟର ହାଇଦ୍ରାବଦ ମୁଣ୍ଟ୍ୟନିସିପାଲ କର୍ପୋରେସନର ଅଧିକାରୀମାନେ ଚଢାଉ କରିଥିଲେ। ଏହି ରେଷ୍ଟୁରାଣ୍ଟର ମାଂସକୁ ଜବତ କରାଯାଇ ପରୀକ୍ଷା ନିମନ୍ତେ ଗବେଷଣାଗାରକୁ ପଠାଇଛନ୍ତି। ପୂର୍ବରୁ ଏଠାରେ କୁକୁର ମାଂସ ବିକ୍ରି ହେଉଥିବା ଅଭିଯୋଗ ଆସିଥିଲା ବେଳେ ସୋସିଆଲ ମିଡିଆରେ ମଧ୍ୟ ଏହି ଫଟୋ ଭାଇରାଲ ହୋଇଛି। ପୂର୍ବରୁ ମ୍ୟୁନିସିପାଲ କର୍ପୋରେସନ ପକ୍ଷରୁ ଏହି ରେଷ୍ଟୁରାଣ୍ଟକୁ ନୋଟିସ ପଠାଯାଇଥିଲା ବେଳେ ଏହାର ମାଲିକ ଇରଫାନ କହିଛନ୍ତି ଯେ ଆମେ କେବେ ବି କୁକୁର ମାଂସ ବିକ୍ରି କରିନାହୁଁ। ଆମ ରେଷ୍ଟୁରାଣ୍ଟର ଭାବମୂର୍ତ୍ତୀକୁ ଖରାପ କରିବା ପାଇଁ କିଛି ବିରୋଧି ଏଭଳି ଚକ୍ରାନ୍ତ କରିଛନ୍ତି।

# ପ୍ରଦୂଷଣ ବିହୀନ କାର୍

ଗାଡ଼ିମଟରର ବ୍ୟବହାର ପ୍ରଦୂଷଣ ବଢ଼ାଇଥାଏ । କିନ୍ତୁ ଏହି ଫଟୋ ଦେଖି ଆପଣ ଅନୁମାନ ଲଗାଇପାରୁଥିବେ କାର୍ ନିର୍ମାତାମାନେ ପ୍ରଦୂଷଣ ରୋକିବା ପାଇଁ ଅନେକ ପରିଶ୍ରମ କରୁଛନ୍ତି । ଏହା ସ୍ମାର୍ଟ ଫୋରଟୁ କାର୍। ଏଥିରେ ପାଞ୍ଚ ବର୍ଗ ମିଟର କ୍ଷେତ୍ରରେ ଘାସ ଜମା ହୋଇଛି । ଯାହା ପ୍ରକୃତରେ ସତସତିକା ଘାସ ନୁହେଁ ଏହା ସିଡ଼ମ ଘାସ। କାର ନିର୍ମାତାମାନେ ସେହି ସିଡ଼ମ ଘାସର ବ୍ୟବହାର କରିଛନ୍ତି । ସ୍ମାର୍ଟ ଫୋରଟୁ କାର୍ ମୁବଲ ଲ୍ୟାବର ଗ୍ରୀନ୍ ସ୍କ୍ରିନ୍ ପ୍ରୋଜେକ୍ଟ ଅନ୍ତର୍ଗତ । ମୁବଲଙ୍କ କହିବା ଅନୁସାରେ ରାସ୍ତାରେ ଯେତେବେଳେ ଏହି ଧରଣର କାର୍ ଚଳିବ, ପ୍ରଦୂଷଣ କମ୍ ହେବ ଓ ପର୍ଯ୍ୟାବରଣର ପରିସ୍ଥିତି ସୁଧୁରିବ। ଏହି କାର୍‌କୁ ପ୍ରଥମେ ଜର୍ମାନଠାରେ ସ୍ଟଟଗାର୍ଟରେ ଆସନ୍ତା ବର୍ଷର ପ୍ରଥମ ମାସରେ ସଡ଼କ ଉପରକୁ ଅଣାଯିବ । କମ୍ପାନୀର କହିବାନୁସାରେ ଏହି କାର୍ ପ୍ରତିବର୍ଷ ୭କିଲୋଗ୍ରାମ କାର୍ବନ ଡାଇଅକ୍ସାଇଡ଼ ଗ୍ୟାସ୍ କମ୍ କରିଥାଏ । ଯାହା ଗୋଟିଏ ଗଛ ସେହି ସମୟରେ ୨.୬କାର୍ବନକୁ ସଫା କରିଥାଏ । ଏମିତି ଦେଖିବାକୁ ଗଲେ ଅଟୋ ସେକ୍ଟରର ଇଞ୍ଜିନିୟର ମାନେ ଏବେ ଗ୍ରୀନ୍ ସଲ୍ୟୁସନ୍‌କୁ ନେଇ ଅଧିକ ଜାଗ୍ରତ ଅଛନ୍ତି । ଆମେରିକୀୟ କମ୍ପାନୀ ଫୋର୍ଡ଼ ଗିକି ସହିତ ମିଶି ଏହି ଦିଗରେ କାମ କରୁଛି ।




# ଶ୍ରୀଜୟଦେବଙ୍କ ଗୀତଗୋବିନ୍ଦ ଓ ଖଣ୍ଡୁଆପାଟ



ପ୍ରତିଦିନ ଶ୍ରୀଜଗନ୍ନାଥଙ୍କ ବଡ଼ ଶୃଙ୍ଗାର ବେଶ ପରେ ଶ୍ରୀଜୟଦେବଙ୍କ ଗୀତଗୋବିନ୍ଦ ଗାନ କରାଯାଏ । ଏହାପରେ ଗୀତଗୋବିନ୍ଦ ଖଣ୍ଡୁଆ ପାଟ ଶ୍ରୀଠାକୁରଙ୍କୁ ଘୋଡ଼ାଇ ଦିଆଯାଏ । ପ୍ରଶ୍ନ ଉଠୁଛି ଏ ଗୀତଗୋବିନ୍ଦ କାହିଁକି ଶ୍ରୀଜଗନ୍ନାଥଙ୍କ ବଡ଼ ଶୃଙ୍ଗାର ବା ସିଂହାର ବେଶ ପରି ବୋଲାଯାଏ ? ଦ୍ୱିତୀୟ ପ୍ରଶ୍ନଟି ହେଲା ଗୀତଗୋବିନ୍ଦ ଖଣ୍ଡୁଆ ପାଟ କ’ଣ ? ତାହା ଜଗନ୍ନାଥଙ୍କୁ ଘୋଡ଼ାଇ ଦିଆଯାଏ କାହିଁକି ? ଦୁଇଟି ଯାକ ପ୍ରଶ୍ନର ଉତ୍ତର ପାଇଁ ଏଠାରେ ଦୁଇଟି କାହାଣୀ ଅବତାରଣା କରାଯାଇପାରେ। ଶ୍ରୀଜୟଦେବ ଗୀତଗୋବିନ୍ଦ ମହାକାବ୍ୟକୁ ସଂସ୍କୃତ ଭାଷାରେ ସହଜ, ସରଳ, ତରଳ ଏବଂ ଖୁବ୍ ସୁନ୍ଦର ଭାବେ ଲାଳିତ୍ୟରେ ଲେଖିଛନ୍ତି। ଏହା ଯେତିକି ଶ୍ରୁତିମଧୁର, ସେତିକି ମନ ଓ ହୃଦୟକୁ ଆହ୍ଲାଦଦାୟକ। ଶ୍ରୀଜଗନ୍ନାଥଙ୍କର ଗୀତ ଗୋବିନ୍ଦ ଅତିପ୍ରିୟ।

ରାଜା ପ୍ରତାପରୁଦ୍ରଙ୍କ ରାଜତ୍ୱ ବେଳକଥା। ସେତେବେଳକୁ ଶ୍ରୀ ଜୟଦେବ ଗୀତଗୋବିନ୍ଦ ଲେଖିସାରି ଥାଆନ୍ତି ଅଥଚ ଏହା ମନ୍ଦିରରେ ଗାନ ହୋଇନଥାଏ । କୌଣସି ପ୍ରକାର ପୁରୀ ନିକଟବର୍ତ୍ତୀ ବନମାଳୀପୁରର ପଦ୍ମା ଶ୍ରଦ୍ଧା ନାମ ମାଳିନୀ ନାମ୍ନୀ ଝିଅଟି ତାହାକୁ ମୁଖସ୍ଥ କରିନେଇଥାଏ। ଏକଥା ସେ ତାଙ୍କ ବାଇଗଣ କିଆରିରେ ପଶି ବାଇଗଣ ତୋଳୁଥାଏ ଏବଂ ଗୀତଗୋବିନ୍ଦ ଏକା ଏକା ଗାନ କରି ଚାଲିଥାଏ। ଏହା ଶ୍ରୀଠାକୁରଙ୍କୁ କର୍ଣ୍ଣଗୋଚର ହେଲା । ସେ ନିଜକୁ ସମ୍ଭାଳି ନପାରି ଚାଲିଲେ, ସେଇ ବାଇଗଣ କିଆରି । ସେ ଝିଅଟିର ଅଲକ୍ଷ୍ୟ ଓ ଅଜ୍ଞାତରେ ତା’ ପଛେ ପଛେ ଗୀତଗୋବିନ୍ଦ ଶୁଣି ଶୁଣି ଚାଲିଥାଆନ୍ତି। ଝିଅଟି ଯେପରି ଗୀତ ଗାଇବାରେ ନିମଗ୍ନ ଥାଏ, ଶ୍ରୀ ଜଗନ୍ନାଥ ସେମିତି ଗୀତଗୋବିନ୍ଦ ଶୁଣିବାରେ ବିଭୋର ଥାଆନ୍ତି। କାଳେ ଝିଅଟି ତାଙ୍କୁ ଆବିଷ୍କାର କରିଦେଲେ, ତା’ ଗୀତ ବୋଲା ବନ୍ଦ କରିଦେବ ଏବଂ ଲଜ୍ଜିତ ହୋଇଯିବ କି ତାଙ୍କୁ କିଛି ପ୍ରଶ୍ନ ପଚାରିପାରେ, ସେ ନେଇ ସେ ମାଳିନୀକୁ ବାଧା ସୃଷ୍ଟି ନକରିବାରେ ବହୁ ସନ୍ତର୍ପଣ ସହିତ ତା’ ପଛେ ପଛେ ଯାଉଥିଲେ। ଗୀତ ସରିଗଲା।




ସରିଗଲା ବାଇଗଣ ତୋଳା। ମାଳିନୀ ତା’ ବାଟରେ ଘରକୁ ଗଲା। ପ୍ରଭୁ ତାଙ୍କ ବାଟରେ ଶ୍ରୀମନ୍ଦିରକୁ ଫେରିଲେ। ତେବେ ଗୋଟିଏ କଥା ଘଟିଗଲା। ବାଇଗଣ କିଆରୀରେ ବୁଲିଲା ବେଳେ ବାଇଗଣ ଗଛର କଣ୍ଟକ ଯୋଗୁଁ ତାଙ୍କ ଉତ୍ତରୀୟ ଚିରିଗଲା ଏବଂ ସେଥିରେ ବାଇଗଣ କଣ୍ଟାମାନ ଲାଗିକି ରହିଗଲେ। ରାତିକୁ ବଡ଼ ସିଂହାର ବେଶ କରିବାକୁ ଗଲାବେଳେ ସିଂହାରୀମାନେ ଏହା ଦେଖି ଆଶ୍ଚର୍ଯ୍ୟ ହେଲେ। ପ୍ରଭୁଙ୍କର ଏଦଶା ହେଲା କେମିତି ? କଥାଟି ରାଜାଙ୍କ ଯାଏଁ ଗଲା। ରାଜା ଅଧିଆ ପଡ଼ିଲେ। କାରଣ ଜାଣିବାକୁ କାଳେ ତାଙ୍କର କିଛି ଅପରାଧ ହୋଇଯାଇଥିବ। ଶ୍ରୀଜଗନ୍ନାଥ ରାଜାଙ୍କୁ ସ୍ୱପ୍ନରେ ସବୁକଥା କହିଲେ ଏବଂ ସ୍ୱପ୍ନାଦେଶ ଦେଲେ ଯେ ଏଣିକି ବଡ଼ ସିଂହାର ବେଶ ପରେ ତାଙ୍କ ପାଖରେ ଗୀତଗୋବିନ୍ଦ ଗାନ ହେବ ଏବଂ ସେ ଏହାକୁ ଶୁଣୁ ଶୁଣୁ ଶୟନ କରିବେ। ଏଥିପାଇଁ ସେ ମାଳିନୀ (ପଦ୍ମା)କୁ ନିଯୁକ୍ତି ଦେବାକୁ ପ୍ରକାରନ୍ତରରେ କହିଲେ। ତାପରଦିନ ରାଜା ସେ ଝିଅଟିକୁ ଡକାଇଲେ। ତାକୁ ସବୁ କଥା କହିଲେ ଏବଂ ଶ୍ରୀଜଗନ୍ନାଥଙ୍କ ଗାଏଣୀ ବା ମାହାରୀ ହିସାବରେ ତାକୁ ନିଯୁକ୍ତି ଦେଲେ। ମାଳିନୀ ଏହାକୁ ପରମ ସୌଭାଗ୍ୟ ରୂପେ ଗ୍ରହଣ କଲା ଏବଂ ସେବେଠୁ ତା’ ବଂଶଧରମାନେ ମାହାରୀ ରୂପେ ଶ୍ରୀମନ୍ଦିରରେ ଗୀତଗୋବିନ୍ଦ ବୋଲିବା ଆରମ୍ଭ କରିଦେଲେ, ଏବେ ସେ ମାହାରୀ ପ୍ରଥା ମନ୍ଦିରରେ ଚଳୁଛି ଏବଂ ଗୀତଗୋବିନ୍ଦ ବଡ଼ ସିଂହାର ବେଶ ପରେ ବୋଲାଯାଉଛି।



ଶ୍ରୀଜଗନ୍ନାଥଙ୍କର ଦ୍ୱିତୀୟ ପ୍ରିୟ ପଦାର୍ଥଟି ହେଲା ଗୀତଗୋବିନ୍ଦ ଖଣ୍ଡୁଆପାଟ। ଶ୍ରୀ ଜୟଦେବଙ୍କର ଜନ୍ମିତ ଗ୍ରାମ କେନ୍ଦୁଲୀର ବସ୍ତ୍ର ବୁଣାକାରମାନେ ଗୀତଗୋବିନ୍ଦ ଶ୍ଳୋକାବଳୀ ରଚିତ ଖଣ୍ଡିଏ ଖଣ୍ଡୁଆପାଟ ତାଙ୍କୁ ଉପହାର ଦେଇଥିଲେ। ସେ ଥିଲା ଶ୍ରୀଜୟଦେବଙ୍କର ଏକ ପ୍ରିୟ ଦ୍ରବ୍ୟ। ସେ ତାଙ୍କୁ ଯତ୍ନର ସହ ସାଇତି ରଖିଥାନ୍ତି। ଦିନେ ରାତିରେ ଶ୍ରୀଜଗନ୍ନାଥ ତାଙ୍କୁ ସ୍ୱପ୍ନରେ ଦେଖାଦେଇ କହିଲେ, ହେ ମୋ ପ୍ରିୟ ଜୟଦେବ । ତୁମ ପାଖରେ ସାଇତା ତୁମର ପ୍ରିୟ ଦ୍ରବ୍ୟ ଖଣ୍ଡୁଆ ପାଟଟି ମୋତେ ଦେବ କି ? ଯଦି ଦିଅନ୍ତ, ବଡ଼ସିଂହାର ଗୀତ ଗୋବିନ୍ଦ ଗାନ ପରେ ସେବକମାନେ ସେଇଟି ମୋତେ ଘୋଡ଼ାଇ ଦିଅନ୍ତେ ଏବଂ ମୁଁ ଶାନ୍ତିରେ ଶୟନ ଯାଆନ୍ତି।

ତା’ପରଦିନ ସ୍ୱପ୍ନାଦେଶ ମତେ ଶ୍ରୀଜୟଦେବ ତାଙ୍କ ଖଣ୍ଡୁଆ ପାଟଟି ନେଇ ଶ୍ରୀମନ୍ଦିରରେ ଶ୍ରୀଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ଦାନ କରିଦେଲେ। ସେବେଠୁ ବଡ଼ଶୃଙ୍ଗାର ବେଶ ବେଳେ ଶ୍ରୀଜଗନ୍ନାଥଙ୍କୁ ଅଙ୍ଗ ବସ୍ତ୍ର ରୂପେ ଗୀତ ଗୋବିନ୍ଦ ଶ୍ଳୋକ ଲେଖାଥିବା କେନ୍ଦୁଲୀର ଖଣ୍ଡୁଆପାଟ ଅର୍ପଣ କରାଯାଏ। ଏବେ ବି ସେ ପରାପଂରା ଚାଲିଛି। ଶୁଣାଯାଏ ସମ୍ବଲପୁର ଶାଢ଼ିର ଆଦର ପରି ଅଷ୍ଟାଦଶ ଶତାବ୍ଦୀରେ କେନ୍ଦୁଲୀ ଖଣ୍ଡୁଆ ପାଟର ଆଦର ଓ ସୁଖ୍ୟାତି ଥିଲା। ତେବେ ଏବେ ମଧ୍ୟ ଏହା ଶ୍ରୀଜଗନ୍ନାଥଙ୍କ ପାଇଁ କେନ୍ଦୁଲିରେ ବଂଚିଛି। ଭକ୍ତିର ଭକ୍ତ ଓ ଭାବ ପାଇଁ ଭଗବାନ ପାଗଳ। ଭକ୍ତର ସମସ୍ତ ସମର୍ପଣ : ଗାନ, ଭଜନ, ଜଣାଣ ସ୍ତୁତି ତଥା ଅର୍ପଣ ପଦାର୍ଥ ପ୍ରତି ଭଗବାନଙ୍କର ଶ୍ରଦ୍ଧା ଥାଏ। ଏହି କାରଣରୁ ଶ୍ରୀଜୟଦେବଙ୍କ ଗୀତଗୋବିନ୍ଦ ଓ ଖଣ୍ଡୁଆପାଟ ଶ୍ରୀଜଗନ୍ନାଥଙ୍କର ପ୍ରିୟ ଅଟେ।

**ବିପିନବିହାରୀ ମହାନ୍ତି**, ଅଧ୍ୟକ୍ଷ, ଓଡ଼ିଶା ଭାଷା ସଂରକ୍ଷଣ ଏବଂ ଗବେଷଣା ପ୍ରତିଷ୍ଠାନ, ବିପିନବିହାରୀ ପାଠାଗାର, ବିକାଶନଗର, ଜଟଣୀ, ଖୋର୍ଦ୍ଧା, ଫୋନ୍-୯୯୩୮୩୪୪୧୩୮

# ବିଫଳତା ଦିଗରେ ସୂଚନା ଅଧିକାର ଆଇନ !






ସୂଚନା ଅଧିକାର ଆଇନ-୨୦୦୫ ରେ ଆବଶ୍ୟକ ସଂଶୋଧନ କରାଯିବା ଉଚିତ। ଏପରିକି ସୂଚନା ଆଇନକୁ ଆହୁରି ମଜଭୁତ ପାଇଁ ସଶକ୍ତ ପଦକ୍ଷେପ ମାନ ନିଆଯିବା ଆବଶ୍ୟକ। ସୂଚନା କର୍ମୀମାନେ ସୂଚନା ମାଗିବା ଠାରୁ ଆରମ୍ଭ କରି ସୂଚନା ପାଇବା ପର୍ଯ୍ୟନ୍ତ ସରକାରୀ ଅଧିକାରୀଙ୍କ ଅସହଯୋଗ ହେତୁ ବହୁ ହଇରାଣ ହେଉଛନ୍ତି। ଅଧିକାଂଶ ସୂଚନା କର୍ମୀ ସୂଚନା ପାଇ ପାରୁ ନାହାନ୍ତି ବା ସେମାନଙ୍କୁ ବର୍ଷ ବର୍ଷ ଧରି ଅପେକ୍ଷା କରିବାକୁ ପଡୁଛି। ଏପରିକି ସୂଚନା ଆଇନରେ ଆବଶ୍ୟକ ସଂଶୋଧନ ପାଇଁ ସାରା ଦେଶର ବିଭିନ୍ନ ମହଲରେ ମଧ୍ୟ ମତ ପ୍ରକାଶ ପାଇ ଆସୁଛି। ମାତ୍ର ସୂଚନା ଆଇନରେ ସଂଶୋଧନ ଆଣିବାକୁ ସରକାର ଆଗ୍ରହ ପ୍ରକାଶ କରୁନଥିବା ମନେ ହେଉଛି। ଜଳଜଳ ଦେଖା ଯାଉଛି ଯେ, ସରକାରୀ ଅବହେଳା, ଲମ୍ବା ବିଚାର ପ୍ରକ୍ରିୟା ଓ କେତେକ ନ୍ୟସ୍ତସ୍ୱାର୍ଥ ଲୋକଙ୍କର ମନ୍ଦ ଉଦ୍ଦେଶ୍ୟ ଯୋଗୁ ସୂଚନା ଅଧିକାର ଆଇନ-୨୦୦୫ ବିଫଳତା ଦିଗରେ ଗତି କରୁଛି। ଏହି ଆଇନ ଲାଗୁ ହେବା ପରେ ସରକାରୀ ସ୍ତରରେ ଦୁର୍ନୀତି ହ୍ରାସ ପାଇବ, ଅଫିସର ଓ କର୍ମଚାରୀଙ୍କ ମନମୁଖୀ କାର୍ଯ୍ୟ ନିୟନ୍ତ୍ରଣ ହେବ ତଥା ଉନ୍ନୟନମୂଳକ କାର୍ଯ୍ୟର ସଫଳ ରୂପାୟନ ହେବ ବୋଲି ଆଶା କରାଯାଉଥିଲା। ମାତ୍ର ଏହି ଆଶା କ୍ରମେ ମଉଳି ଯିବାରେ ଲାଗିଛି। ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାର ସୁଦୃଢ଼ୀକରଣ ଓ ପ୍ରଜା ଶାସନଗତ ସ୍ୱଚ୍ଛତା ପାଇଁ କାର୍ଯ୍ୟକାରୀ ଏହି ଐତିହାସିକ ଆଇନର ଭବିଷ୍ୟତ ଏବେ ଅନ୍ଧକାର ଭିତରେ ହଜିଯିବାକୁ ବସିଛି। ଏହାର ସଠିକ୍ କାର୍ଯ୍ୟକାରୀତାକୁ ନେଇ ସରକାରୀ କଳ ଓ ସୂଚନା ଅଧିକାର କର୍ମୀଙ୍କ ମଧ୍ୟରେ ଶୀତଳ ଯୁଦ୍ଧ ଚାଲିଛି। ସରକାରୀ କଳରେ ମନମୁଖୀ ଶାସନ, ଦୁର୍ନୀତି ଓ ଅନିୟମିତତାରେ ଏହି ଆଇନ ବାଦ ସାଜୁଥିବାରୁ ସରକାରୀ ଅଧିକାରୀ ଓ କର୍ମଚାରୀଙ୍କ ମନରେ ଭୟ ଓ ଆଶଙ୍କାର ଝଡ଼ ସୃଷ୍ଟି ହେଉଛି। ସରକାରୀ ସ୍ତରରେ ଦୁର୍ନୀତି ଓ ବେନିୟମ କାମର ସୂଚନା ଯଦିଓ ସାଧାରଣ ପ୍ରଜାଙ୍କ ହାତକୁ ଚାଲିଯାଏ, ହୁଏତ ସରକାରଙ୍କ ଅସଲି ମୁଖା ଲୋକଲୋଚନକୁ ଆସିଯିବା ନିଶ୍ଚିତ ବୋଲି ସେମାନେ ଭାବୁଛନ୍ତି। ସାଧାରଣ ପ୍ରଜାଙ୍କ କଲ୍ୟାଣ ପାଇଁ କାର୍ଯ୍ୟକାରୀ ହୋଇଥିବା ଏହି ଆଇନ ସରକାରୀ ଅଧିକାରୀ ଓ କର୍ମଚାରୀଙ୍କ ପାଇଁ ଅତିରିକ୍ତ ବୋଝ ହୋଇଥିବା ହୁଏତ ସେମାନେ ଭାବୁଛନ୍ତି। କିନ୍ତୁ ଏହା ଯେ ଗଣତନ୍ତ୍ର ଶାସନର ପ୍ରମୁଖ ଅଙ୍ଗ ପାଲଟି ଯାଇଛି ଓ ଏହି ଆଇନ ବଳରେ ପ୍ରଜା କେବଳ ସୂଚନା ପାଇବେନି, ବରଂ ପରୋକ୍ଷରେ ସରକାରୀ କଳକୁ ସକ୍ରିୟ, ଦୁର୍ନୀତିମୁକ୍ତ ଓ ନିୟନ୍ତ୍ରଣ କରିବେ, ଏହା ସୂଚନା ଆଇନ ନିର୍ମାତା ମାନଙ୍କର ମୂଳ ଉଦ୍ଦେଶ୍ୟ ହୋଇଥିଲେ ହେଁ ସରକାରୀ ବାବୁ ମାନେ ଏଯାଏ ଏହି ରହସ୍ୟ ବୁଝି ବି ବୁଝି ପାରୁନାହାନ୍ତି। ଓଡ଼ିଶା ରାଜ୍ୟ ସଚିବାଳୟ ଓ ନିର୍ଦ୍ଦେଶାଳୟରେ ଏହି ଆଇନ୍‌ର ସାମାନ୍ୟତମ ପ୍ରଭାବ ଥିବା ଦେଖା ଯାଉନାହିଁ। ଗତ ୧୬ ବର୍ଷ ଭିତରେ ରାଜ୍ୟ ସରକାରଙ୍କର କୌଣସି ଗୋଟିଏ ବିଭାଗ ବି ସୂଚନା ପ୍ରଦାନ ପାଇଁ ସ୍ୱଚ୍ଛତା ଓ ସକ୍ରିୟତା ପ୍ରଦର୍ଶନ କରିନାହିଁ। ତଥାପି ସାଧାରଣ ପ୍ରଜା ସୂଚନା ଆଇନ ମାଧ୍ୟମରେ ସରକାରୀ କଳକୁ ଯେଭଳି ବିଭିନ୍ନ ଦିଗରୁ ଆକ୍ରମଣ କରି ଚାଲିଛନ୍ତି, ଖୁବ୍ ଶୀଘ୍ର ଦେଶରେ ସୁସ୍ଥ ଗଣତନ୍ତ୍ର ପ୍ରତିଷ୍ଠା ହେବାର ସବୁଜ ସଙ୍କେତ ମିଳୁଛି।

ଏହି ଐତିହାସିକ ଆଇନ ସଂପର୍କରେ ସରକାରୀ ସ୍ତରରେ ଉପଯୁକ୍ତ ସଚେତନତା ସୃଷ୍ଟି ହୋଇନାହିଁ। ସାଧାରଣ ଲୋକେ ସୂଚନା ଆଇନ ସଂପର୍କରେ ଯେଭଳି ସଚେତନ ଓ ସକ୍ରିୟ ହୋଇଛନ୍ତି, ପ୍ରଶାସନ ତନ୍ତ୍ରରେ ସେଭଳି କିଛି ତତ୍ପରତା ଦେଖା ଯାଉନାହିଁ। ସୂଚନା ଅଧିକାର ଆଇନ ସଠିକ୍ କାର୍ଯ୍ୟକାରୀତାରେ ଜନସୂଚନା ଅଧିକାରୀ, ପ୍ରଥମ ଅପିଲ୍ କର୍ତୃପକ୍ଷ ଏବଂ ସୂଚନା ଆୟୁକ୍ତଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ହେଲେ ଅଧିକାଂଶ ଜନସୂଚନା ଅଧିକାରୀ ଓ ପ୍ରଥମ ଅପିଲ୍ କର୍ତୃପକ୍ଷ ସୂଚନା ଆଇନ ବାବଦରେ ଅଧିକ ସଚେତନ ନୁହଁନ୍ତି। କେତେକ ପ୍ରଥମ ଅପିଲ୍ କର୍ତୃପକ୍ଷ ଆଇନ ଅନୁଯାୟୀ ବିଚାର କରିପାରୁ ନାହାନ୍ତି। ସେମାନଙ୍କୁ ଉକ୍ତ ପଦରେ ନିଯୁକ୍ତି ପୂର୍ବରୁ ଏ ସଂପର୍କରେ ଆବଶ୍ୟକୀୟ ତାଲିମ୍ ଦିଆଯିବା ଉଚିତ। ସଂପୃକ୍ତ ଜନସୂଚନା ଅଧିକାରୀ ଓ କର୍ମଚାରୀ ସୂଚନା ପ୍ରଦାନରେ ଅବହେଳା କରୁଥିଲେ ହେଁ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ସୂଚନା ଆଇନ ଅନୁଯାୟୀ ଆବେଦନକାରୀଙ୍କୁ ୧ମାସ ମଧ୍ୟରେ ସୂଚନା ପ୍ରଦାନ କରାଯିବା ଉଚିତ। ଏଥିରେ ଖିଲାପ କରିଥିବା ଅଧିକାରୀ ଓ କର୍ମଚାରୀଙ୍କୁ ଦଣ୍ଡ ଦିଆଯିବା ଆବଶ୍ୟକ। ସାଧାରଣ ଲୋକଟି ଠିକ୍ ସମୟରେ ସୂଚନା ନପାଇ କମିସନ୍‌ଙ୍କ କୋର୍ଟରେ କେଶ୍ ଦାୟର କଲେ, ପ୍ରାୟ ୨/୩ ବର୍ଷ ପରେ ଉକ୍ତ କେଶ୍‌ର ଶୁଣାଣୀ ଆରମ୍ଭ ହେଉଛି। ଏହି ବିଳମ୍ବ ଜନିତ କାରଣରୁ ସୂଚନା ନପାଇ ହଇରାଣ ହେଉଥିବା ସୂଚନା କର୍ମୀ କମିସନ୍ କୋର୍ଟ ଯିବାକୁ ଚାହୁଁ ନାହାଁନ୍ତି ଓ ନିଜ ଭାଗ୍ୟକୁ ଆଦରି ଚୂପ୍ ରହୁଛନ୍ତି। ଏହା ଛଡ଼ା ଏଥିରେ ପ୍ରତିବାଦୀଙ୍କ ପାଇଁ ଆର୍ଥିକ କ୍ଷତି ପୂରଣର ବ୍ୟବସ୍ଥା ନାହିଁ। ସାଧାରଣ ପ୍ରଜାଟି ସରକାରଙ୍କ ଠାରୁ ନିଜର ଅଧିକାର ସ୍ୱରୂପ ସୂଚନାଟି ପାଇବା ପାଇଁ କାହିଁକି ବର୍ଷ ବର୍ଷ ଧରି ଅପେକ୍ଷା କରିବ ? ସେ ଏତେ ଅର୍ଥ ଓ ସମୟ ପାଇବ କେଉଁଠୁ ? ଅନ୍ୟପକ୍ଷରେ ଶୁଣାଣୀ ପାଇଁ କମିସନ୍‌ଙ୍କ କୋର୍ଟରେ ପହଂଚିବାକୁ ଅଧିକାରୀ ଓ କର୍ମଚାରୀଙ୍କୁ ସରକାରୀ ରାଜକୋଷରୁ ଗସ୍ତଖର୍ଚ୍ଚ ଦିଆଯାଉଛି। ମାତ୍ର ସେହି ଦିନଟି ତାଙ୍କର ଛୁଟିଦିନ ଭାବେ ଗ୍ରହଣ କରାଯିବା ଉଚିତ। ତାଙ୍କ ବିରୁଦ୍ଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ହେବା ସହ ତାଙ୍କ ସର୍ଭିସ ବୁକ୍ ଓ ସିସିଆରରେ ଦଣ୍ଡ ସଂପର୍କରେ ଲେଖାଯିବା ଉଚିତ।

ଏହି ଗୁରୁତ୍ୱପୂର୍ଣ୍ଣ ଆଇନର ସଫଳତା ପାଇଁ ରାଜ୍ୟ ମୁଖ୍ୟ ଶାସନ ସଚିବ, ରାଜ୍ୟ ମୁଖ୍ୟ ସୂଚନା କମିସନ୍, ପ୍ରଥମ ଅପିଲ୍ କର୍ତୃପକ୍ଷ ଓ ସୂଚନା ଅଧିକାର କର୍ମୀଙ୍କ ସ୍ୱଚ୍ଛତା-ଆନ୍ତରିକତାର ଆବଶ୍ୟକତା ରହିଛି। ଆଶ୍ଚର୍ଯ୍ୟର କଥା ଯେ, କେତେକ ସରକାରୀ କାର୍ଯ୍ୟାଳୟ ପ୍ରତ୍ୟକ୍ଷ ଭାବେ ସୂଚନା ଅଧିକାର ଆଇନ ପରିସରଭୁକ୍ତ ହୋଇନାହିଁ। ସେହିପରି ରାଜନୈତିକ ଦଳ, ରାଜ୍ୟରେ କାର୍ଯ୍ୟରତ ଖଣି ଓ ଶିଳ୍ପ ସଂସ୍ଥା, ଘରୋଇ ପରିଚାଳିତ ସ୍ୱାସ୍ଥ୍ୟାନୁଷ୍ଠାନ ଓ ଶିକ୍ଷାନୁଷ୍ଠାନ ଆଦିଙ୍କୁ ଏହି ଆଇନ ପରିସରଭୁକ୍ତ କରା ଯାଇନାହିଁ। ଅନ୍ୟପକ୍ଷରେ ସୂଚନା କର୍ମୀ ନାଁରେ କିଛି ନ୍ୟସ୍ତସ୍ୱାର୍ଥ ବ୍ୟକ୍ତିଙ୍କ କାର୍ଯ୍ୟକଳାପକୁ ନେଇ ବିଭିନ୍ନ ମହଲରେ ସନ୍ଦେହ ସୃଷ୍ଟି ହେଲାଣି। ସେମାନଙ୍କ ଉଦ୍ଦେଶ୍ୟ ଓ କାର୍ଯ୍ୟକୁ ସମୀକ୍ଷା କରାଯିବା ଉଚିତ ବୋଲି ଦାବି ଉଠିଲାଣି। ସେମାନେ କେଉଁ ତଥ୍ୟ ମାଗୁଛନ୍ତି ଓ ତାହା କାହା ଉପକାରରେ ଲାଗୁଛି, ତାହାର ତଦାରଖ ଆବଶ୍ୟକ ହୋଇ ପଡ଼ିଲାଣି। ସାଧାରଣ ମଣିଷ ଓ ଦେଶର ସ୍ୱାର୍ଥ ସାଧନ ପାଇଁ ଏହି ଆଇନ କାର୍ଯ୍ୟକାରୀ ହୋଇଛି। କେତେକ ଆବେଦନକାରୀ ଗୋଟିଏ ଆବେଦନପତ୍ରରେ କୌଣସି ଅଫିସ୍ ବା ସଚିବାଳୟର କୌଣସି ବିଭାଗକୁ ଏତେ ପରିମାଣରେ ସୂଚନା ମାଗୁଛନ୍ତି ଯେ, ତାହା ସେହି ଅଫିସ୍‌ର ସମସ୍ତ ଫାଇଲ୍ ସହ ସଂପୃକ୍ତ ଓ ସେହି ସୂଚନା ପ୍ରସ୍ତୁତି ପାଇଁ ମାସମାସ ସମୟ ଲାଗିଯିବ। ବେଳେବେଳେ କିଛି ସ୍ୱାର୍ଥପର ଲୋକେ ଅତ୍ୟଧିକ ମାତ୍ରାରେ ଆକ୍ରମଣାତ୍ମକ ହୋଇ ପଡୁଥିବା ଓ ଏହି ଆଇନ ସେମାନଙ୍କ ଦ୍ୱାରା ମାରାତ୍ମକ ରାଷ୍ଟ୍ରବିରୋଧୀ ଅସ୍ତ୍ର ଭାବେ ବ୍ୟବହୃତ ହେଉଥିବା ଦେଖାଯାଉଛି। ଯେହେତୁ ଏହି ଲୋକମାନେ ସମାଜର ଉନ୍ନତି ପାଇଁ ନେଉଥିବା ତଥ୍ୟକୁ ଠିକ୍ ବାଟରେ ବ୍ୟବହାର କରୁ ନାହାଁନ୍ତି ବା ସେମାନଙ୍କର ସମାଜ ପ୍ରତି କୌଣସି ଅବଦାନ ରହୁନାହିଁ। ଅନ୍ୟପକ୍ଷରେ ରାଜ୍ୟ ସରକାର ଏହି ଆଇନକୁ ଡ଼ରୁଛନ୍ତି ଓ ଉଲଂଘନ କରୁଛନ୍ତି ବୋଲି କୁହାଯାଇପାରେ। ଅଧିକାଂଶ ସୂଚନା କମିସନର ପ୍ରାୟତଃ ଅବସରପ୍ରାପ୍ତ ସରକାରୀ ଅଧିକାରୀ। ପ୍ରଜା ଓ ସରକାରୀ କଳ ମଧ୍ୟରେ ବିବାଦର ବିଚାର ତାଙ୍କ ଦ୍ୱାରା କେତେ ସ୍ୱଚ୍ଛ, ନିର୍ମଳ ଓ ନିରପେକ୍ଷ ହେବ, ତାହା ଅନୁମାନ କରାଯାଇ ପାରେ। ଏଣୁ ଏଇ ଆଇନ ସଫଳ ହେବାକୁ ରାଜ୍ୟ ସରକାରୀ କଳ ସଚେତନ ହେବା ସହିତ ଅବସର ପ୍ରାପ୍ତ ହାଇକୋର୍ଟ ବିଚାର ପତିମାନଙ୍କୁ କମିସନ ପଦବୀରେ ନିଯୁକ୍ତି ଦିଆଯିବା ଉଚିତ ବୋଲି ବିଭିନ୍ନ ମହଲରେ ମତ ପ୍ରକାଶ ପାଉଛି। ଯଦି ବାସ୍ତବରେ ଆମ ରାଜ୍ୟକୁ ଦୁର୍ନୀତିମୁକ୍ତ ଓ ଶାସନକୁ ସ୍ୱଚ୍ଛ-ନିର୍ମଳ କରିବାକୁ ସମସ୍ତେ ଚାହୁଁଛନ୍ତି, ତେବେ ସୂଚନା ଅଧିକାର ଆଇନ-୨୦୦୫କୁ ସଂଶୋଧନ କରାଯାଇ ସଠିକ୍ ଭାବେ କାର୍ଯ୍ୟକାରୀ କରାଯିବାର ଆବଶ୍ୟକତା ରହିଛି।

**ଶରତ କୁମାର ରାଉତ**, ଓଡ଼ିଶା ନ୍ୟୁଜ୍ ସର୍ଭିସ୍, ଭୁବନେଶ୍ୱର, ମୋ-୯୩୩୭୩୬୯୪୪୮

# ମାତୃ ଓ ଶିଶୁ ଯତ୍ନ ଡାକ୍ତରଖାନାର ଲାଗିରହିଥିବା ଅବ୍ୟବସ୍ଥାର ପ୍ରତିକାର ପାଇଁ କଂଗ୍ରେସର ଦାବି

ରାଉରକେଲା (ପିଏନ୍): ରାଉରକେଲା ସରକାରୀ ଡାକ୍ତରଖାନା ପରିସର ମଧ୍ୟରେ ଭାରତ ସରକାରଙ୍କ ଅନୁଦାନରେ ଗତ ୨୦୧୭ ମସିହାରୁ କାର୍ଯ୍ୟ କରୁଥିବା ମାତୃ ଓ ଶିଶୁ ଯତ୍ନ ଡାକ୍ତରଖାନାରେ ସମ୍ପ୍ରତି ଲାଗି ରହିଥିବା ଅବ୍ୟବସ୍ଥାର ପ୍ରତିକାର ପାଇଁ ରାଉରକେଲା ଜିଲ୍ଲା କଂଗ୍ରେସ ତରଫରୁ ଦାବି କରାଯାଇଛି । ଗତକାଲି କଂଗ୍ରେସର ଏକ ପ୍ରତିନିଧି ଦଳ ହସ୍ପିଟାଲର ନିର୍ଦ୍ଦେଶକଙ୍କ ଅନୁପସ୍ଥିତିରେ ହସ୍ପିଟାଲର ଅଧ୍ୟକ୍ଷ ଓ ଉପାଧ୍ୟକ୍ଷଙ୍କୁ ସାକ୍ଷାତ କରି ଉକ୍ତ ହସ୍ପିଟାଲରେ ସୃଷ୍ଟି ହୋଇଥିବା ଅବ୍ୟବସ୍ଥା ବାବଦରେ ବିଶଦ୍ ଭାବେ ଅବଗତ କରାଇଥିଲେ । ଏହି ଅବସରରେ ହସ୍ପିଟାଲ ନିର୍ଦ୍ଦେଶକଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରି ତୁରନ୍ତ ସମସ୍ତ ସମସ୍ୟାର ପ୍ରତିକାର ଆସନ୍ତା ୧୫ ଦିନ ମଧ୍ୟରେ କରିବା ପାଇଁ ଦାବି କରିଥିଲେ । ସମ୍ପ୍ରତି ଛଅ ମହଲା ବିଶିଷ୍ଟ ମାତୃ ଓ ଶିଶୁ ଯତ୍ନ ହସ୍ପିଟାଲ କୋଠାରେ ତଳୁ ଉପରକୁ ଯାତାୟତ ପାଇଁ ୨ଟି ଲିଫ୍ଟ ମଧ୍ୟରୁ ଗୋଟିଏ ଅଚଳ ଅବସ୍ଥାରେ ରହିଛି । ଫଳରେ ଗୋଟିଏ ଲିଫ୍ଟ ଉପରେ ଡାକ୍ତର, ନର୍ସ ଓ ଚିକିତ୍ସା ପାଇଁ ଆସୁଥିବା ପ୍ରସୂତି ମହିଳା ତଥା ହସ୍ପିଟାଲ କର୍ମଚାରୀମାନେ ନିର୍ଭର କରୁଥିବାରୁ ଅନେକ ସମୟରେ ପ୍ରସୂତି ମହିଳାମାନଙ୍କୁ ଅଯଥା ଅପେକ୍ଷା କରି କଷ୍ଟ ସହିବାକୁ ପଡୁଛି । ତେଣୁ ତୁରନ୍ତ ଉକ୍ତ ଅଚଳ ଲିଫ୍ଟକୁ କାର୍ଯ୍ୟକ୍ଷମ କରିବାକୁ ଦାବି କରାଯାଇଛି । କେବଳ ଦିନ ସମୟରେ ପ୍ରସୂତି ମହିଳା ଓ ନବଜାତ ଶିଶୁଙ୍କୁ ଡାକ୍ତରମାନେ ସେବା ଯୋଗାଇ ଦେଉଥିବା ବେଳେ ରାତିରେ କୌଣସି ଡାକ୍ତର ରହୁନଥିବାରୁ ସେବା ମିଳୁନାହିଁ । ତେଣୁ ରାତିରେ ଚିକିତ୍ସା ସେବା ଯୋଗାଇ ଦେବା ପାଇଁ ଉକ୍ତ ହସ୍ପିଟାଲରେ ଡାକ୍ତର ନିୟୋଜିତ କରିବାକୁ କଂଗ୍ରେସ ଏହି ଅବସରରେ ଦାବି କରିଛି ଏବଂ ଯେଉଁ ଡାକ୍ତର ଉକ୍ତ ହସ୍ପିଟାଲରେ ଦିନ ଓ ରାତିରେ କାର୍ଯ୍ୟରତ ରହିବେ ସେମାନଙ୍କର ନାମ ଓ ମୋବାଇଲ୍ ନମ୍ବର ପ୍ରତ୍ୟେକ ମହଲାରେ ପ୍ରଦର୍ଶିତ କରି ସୂଚନା ଦେବାକୁ ପ୍ରସ୍ତାବ ଦେଇଥିଲେ । ଉକ୍ତ ମାତୃ ଓ ଶିଶୁ ଯତ୍ନ ହସ୍ପିଟାଲରେ ପରିବାର ନିୟୋଜନ ଅସ୍ତ୍ରୋପଚାର ପାଇଁ ଆବଶ୍ୟକୀୟ ବ୍ୟବସ୍ଥା ଥିବାବେଳେ ପ୍ରାୟ ଏକ ବର୍ଷରୁ ଅଧିକ ସମୟ ଧରି ଏହି ବ୍ୟବସ୍ଥା କାର୍ଯ୍ୟକାରୀ ହେଉନାହିଁ । ଫଳରେ ପରିବାର ନିୟନ୍ତ୍ରଣ କରିବାକୁ ଚାହୁଁଥିବା ସାଧାରଣ ବର୍ଗର ଲୋକମାନେ ଅଯଥାରେ ଘରୋଇ ହସ୍ପିଟାଲକୁ ଯାଇ ଖର୍ଚ୍ଚାନ୍ତ ହେଉଛନ୍ତି । ତେଣୁ ଅବିଳମ୍ବେ ପରିବାର ନିୟୋଜନ ଅସ୍ତ୍ରୋପଚାର ଆରମ୍ଭ କରିବାକୁ ସ୍ମାରକପତ୍ରରେ ଦାବି କରାଯାଇଛି । ସେହିପରି ଉକ୍ତ ହସ୍ପିଟାଲରେ ସୁରକ୍ଷିତ ଗର୍ଭପାତ ପାଇଁ ସ୍ୱୀକୃତିପ୍ରାପ୍ତ ସ୍ୱାସ୍ଥ୍ୟ କେନ୍ଦ୍ର ପିପିସିଓଟି ଥିବା ବେଳେ ଏଥିପାଇଁ ଜଣେ ଡାକ୍ତର ଓ ନର୍ସ ମଧ୍ୟ ରହିଛନ୍ତି । ମାତ୍ର ଆଶ୍ଚର୍ଯ୍ୟଜନକ ଭାବେ ଦେଢ଼ବର୍ଷରୁ ଅଧିକ ସମୟ ଧରି ଏହାକୁ ତାଲାମାରି ବନ୍ଦ ରଖାଯାଇଛି । ତେଣୁ କର୍ତ୍ତୃପକ୍ଷ ଉକ୍ତ ପିପିସିଓଟିକୁ ତୁରନ୍ତ ଖୋଲି ଲୋକଙ୍କୁ ସେବା ଯୋଗାଇ ଦେବାକୁ କଂଗ୍ରେସ ନେତୃବୃନ୍ଦ ଏହି ଅବସରରେ ଦାବି କରିଛନ୍ତି । ଏହା ବ୍ୟତିରେକ ଉକ୍ତ ହସ୍ପିଟାଲ କୋଠାର ତଳମହଲାରେ ମହିଳାଙ୍କ ପାଇଁ ଉଦ୍ଦିଷ୍ଟ ଶୌଚାଳୟକୁ ତାରାମାରି ବନ୍ଦ ରଖାଯାଇଥିବା ବେଳେ ରୋଗୀଙ୍କ ଆଟେଣ୍ଡାଣ୍ଟମାନେ ଅପେକ୍ଷାରେ ବସୁଥିବା ଗୃହ ସଂଲଗ୍ନ ଶୌଚାଳୟର କବାଟ ନଥିବାରୁ ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି ହେଉଛି । ତେବେ ଉପରୋକ୍ତ ପ୍ରସଙ୍ଗଗୁଡିକ ପ୍ରତି ବିଶେଷ ଗୁରୁତ୍ୱାରୋପ କରି ତୁରନ୍ତ ବିହିତ ପଦକ୍ଷେପ ଗ୍ରହଣ କରିବାକୁ ପ୍ରତିନିଧି ଦଳ ଏହି ଅବସରରେ ଦାବି କରିଛନ୍ତି । ଆସନ୍ତା ୧୫ ଦିନମଧ୍ୟରେ ଉପରୋକ୍ତ ସେବାଗୁଡିକ ଯଦି ରୋଗୀମାନଙ୍କୁ ଉପଲବ୍ଧ ନ ହୁଏ ତେବେ ଜିଲ୍ଲା କଂଗ୍ରେସ ତରଫରୁ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରାଯିବ ବୋଲି ନେତୃବୃନ୍ଦ ଏହି ଅବସରରେ ଚେତାବନୀ ଦେଇଛନ୍ତି । ଏହି ପ୍ରତିନିଧି ଦଳରେ ଜିଲ୍ଲା କଂଗ୍ରେସର ପୂର୍ବତନ ସଭାପତି ତଥା ପ୍ରାକ୍ତନ ବିଧାୟକ ପ୍ରାର୍ଥୀ ବିରେନ ସେନାପତି, ଜିଲ୍ଲା କଂଗ୍ରେସର ବରିଷ୍ଠ ଉପସଭାପତି ଦେବବ୍ରତ ବିହାରୀ, ରଘୁନାଥପାଲ୍ଲୀର ପ୍ରାକ୍ତନ ବିଧାୟକ ପ୍ରାର୍ଥୀ ପ୍ରଶାନ୍ତ ସେଠୀ, ପୂର୍ବତନ କାର୍ଯ୍ୟକାରୀ ସଭାପତି ସବୀର ହୁସେନ, ଉପସଭାପତି ସନ୍ତୋଷ ବିଶ୍ୱାଳ ଓ କୀର୍ତ୍ତନ ଦାସ, ମହିଳା ସଭାନେତ୍ରୀ ନିରୂପମା ବଳିୟାର ସିଂ, କଂଗ୍ରେସ ମୁଖପାତ୍ର ଗିରିଜା ଶଙ୍କର ମିଶ୍ର ଓ କୈଳାସ ଚନ୍ଦ୍ର ସାହୁ, ଜିଲ୍ଲା କଂଗ୍ରେସ ସାଧାରଣ ସମ୍ପାଦକ ତୁଳସୀ ନାଗ, ଓବିସି ସେଲ୍ ଅଧ୍ୟକ୍ଷ ବୈଲୋଚନ ସାହୁ, ବ୍ଲକ୍ କଂଗ୍ରେସ ସଭାପତି ବିଜୟ ଆପଟ ଓ ପ୍ରଦ୍ୟୁମ୍ନ ଷଡଙ୍ଗୀ, ଜିଲ୍ଲା କଂଗ୍ରେସର କାର୍ଯ୍ୟନିର୍ବାହୀ ସଦସ୍ୟ ଭାସ୍କର ଖିଲ୍ଲାର, ରୁକସାନା ବେଗମ, ଦିଲ୍ଲୀପ ଜେନା, ରେହେମାନ ଖାନ, ସେବାଦଳର ସାରଦା ପ୍ରସନ୍ନ ଦାସ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ ବୋଲି ଦଳ ତରଫରୁ ଏକ ପ୍ରେସ୍ ବିବୃତିରେ କୁହାଯାଇଛି । ଏହି ସ୍ମାରକପତ୍ରର ନକଲ ରାଉରକେଲା ଅତିରିକ୍ତ ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ପାଇଁ ମଧ୍ୟ ଅନୁରୋଧ କରାଯାଇଛି ।

# ୪ଟି ଶ୍ରମ କୋଡ ବାତିଲ ସହ ଅଣସଂଗଠିତ ଶ୍ରମିକଙ୍କୁ ସରକାରୀ ଚାକିରୀର ମାନ୍ୟତା ପାଇଁ ଏଆଇଟିୟୁସିର ଦାବି




କେନ୍ଦ୍ରାପଡ଼ା (ପିଏନ୍): ବିଶ୍ୱ ଶ୍ରମିକ ଦିବସ ଉପଲକ୍ଷେ ଏଆଇଟିୟୁସି ପକ୍ଷରୁ ଗୋପଛକ ଠାରେ ଏଆଇଟିୟୁସି ନେତା ସାଥି ଭଜହରି ପ୍ରଧାନଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଯାଇଛି। ସଭା ପ୍ରାରମ୍ଭରେ ଦିବଂଗତ ଶ୍ରମିକମାନଙ୍କ ଉଦ୍ଦେଶ୍ୟରେ ସାଥି ଅମିତାରାଣୀ ନାୟକ ଶୋକ ପ୍ରସ୍ତାବ ଆଗତ କରିଥିବା ବେଳେ ବିଶ୍ୱ ଶ୍ରମିକ ଦିବସ ପାଳନର ଆବଶ୍ୟକତା ଓ ଆଜିର ଦିନରେ ଏହାର ପ୍ରାସଙ୍ଗିକତା ଉପରେ ଆଶାକର୍ମୀ ସଂଘର ଜିଲ୍ଲା ଉପ ସଭାପତି ସାଥି ରଞ୍ଜୁଲତା ବେହେରା ବକ୍ତବ୍ୟ ପ୍ରଦାନ କରିଥିଲେ। ସଭାରେ ମୁଖ୍ୟବକ୍ତା ଭାବେ ବରିଷ୍ଠ ଆଇନଜୀବୀ ରମଣୀରଞ୍ଜନ ରାଉତରାୟ ଯୋଗଦେଇ ଆଜି ୧୩୩ତମ ବିଶ୍ୱ ଶ୍ରମିକ ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ସେ ଦିନ ଶ୍ରମିକମାନଙ୍କୁ ଯେଭଳି ଗୋଡି ଭାବେ ଖଟାଇ ଶ୍ରମ ଆଦାୟ କରାଯାଉଥିଲା ଆଜିବି ସେହିପରି ଘରୋଇ କମ୍ପାନୀମାନେ ଶ୍ରମିକମାନଙ୍କ ସମସ୍ତ ଅଧିକାରକୁ ବାତିଲ କରି ଜୋର ଜୁଲମ କରି କାମ କରାଉଛନ୍ତି। କେନ୍ଦ୍ର ସରକାର ଶ୍ରମିକ ମାନଙ୍କ ପାଇଁ ଥିବା ୪୪ଟି ଆଇନକୁ ବାତିଲ କରି ୪ଟି କୋର୍ଡରେ ପରିଣତ କରି ଶ୍ରମିକ ମାନଙ୍କ ପେଟକୁ ନାତ ମାରିଛନ୍ତି। ଦେଶର ଯେଉଁ ଲାଭଦାୟକ ଶିଳ୍ପ ଓ କଳକାରଖାନା ଥିଲା ତାହାକୁ ବିକ୍ରୀ କରି ଘରୋଇକରଣ କରିବା ପାଇଁ କେନ୍ଦ୍ର ସରକାର ସଦା ଚେଷ୍ଟିତ ଅଛନ୍ତି। ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କ ଗୋଡାଣିଆ ସାଜିଛନ୍ତି। ଏହି ସମୟରେ ଅଣସଂଗଠିତ ଶ୍ରମିକ ମାନଙ୍କୁ ବହୁ କାମ କରିବାକୁ ଦିଆଯାଉଥିବା ବେଳେ ପାରିଶ୍ରମିକ କଥାକୁ ବିଚାରକୁ ନିଆଯାଉନାହିଁ। ଆଶା, ଅଙ୍ଗନୱାଡ଼ି, ପାଚିକା, ଗାଁ ସାଥି, କୃଷକ ସାଥି, ଠିକା କର୍ମଚାରୀଙ୍କୁ ତୁରନ୍ତ ସରକାରୀ ଚାକିରୀର ମାନ୍ୟତା ଦେବା ପାଇଁ ଦାବି କରିଥିଲେ ମୁଖ୍ୟବକ୍ତା ଶ୍ରୀ ରାଉତରାୟ। ଏହି ସଭାରେ ନାରୀ ନେତ୍ରୀ ସାଥି ଭଗବତୀ ନାୟକ, ବନ୍ଦନା ମଲିକ, ନିର୍ମଳା ସାହୁ, ଝରଣା ରାଉତ, କାମିନୀ ନାଥ, ଛବିନା ଶତପଥୀ, ବିକାଶ ଚନ୍ଦ୍ର ବେଉରା, ଅଜୟ କୁମାର ସାହୁ, ନରେନ୍ଦ୍ର କୁମାର ଦାଶ, କ୍ଷୀରୋଦ ଖଟୁଆ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଅଘୋଷିତ ବିଦ୍ୟୁତ କାଟ ଏବଂ ପାଣି ଯୋଗାଣରେ ଅବ୍ୟବସ୍ଥା ବିରୋଧରେ ଆସନ୍ତା ସପ୍ତାହରେ ଇଚ୍ଛାପୁର ସ୍ଥିତ ପାନୀୟ ଜଳଯୋଗାଣ କାର୍ଯ୍ୟାଳୟ ଘେରାଉ କରାଯିବାକୁ ନିଷ୍ପତି ଗ୍ରହଣ କରାଯାଇଥିଲା। ଶେଷରେ ଅମରେନ୍ଦ୍ର ବରାଳ ଧନ୍ୟବାଦ ଅର୍ପଣ କରିଥିଲେ।

# ମହାକବି ଜୟଦେବଙ୍କ ଜୟନ୍ତୀ ପାଳିତ




ଭୁବନେଶ୍ୱର (ପିଏନ୍): ପବିତ୍ର ଅକ୍ଷୟ ତୃତୀୟା ଦିନ ଶ୍ରୀଗୀତଗୋବିନ୍ଦର ରଚୟିତା ମହାକବି ଜୟଦେବଙ୍କ ଜୟନ୍ତୀ ଅବସରରେ ଉତ୍କଳ ସମ୍ମିଳନୀ, ରାଜ୍ୟ ସଂସ୍କୃତି ବିଭାଗ ଓ ଜୟଦେବ ବିହାର ଅଟୋ ଆସୋସିଏସନ ପକ୍ଷରୁ ମିଳିତ ଭାବେ ଜୟଦେବ ବିହାର ଛକରେ ଥିବା ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ମହାକବିଙ୍କୁ ଶ୍ରଦ୍ଧାଂଜଳି ଜ୍ଞାପନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଉତ୍କଳ ସମ୍ମିଳନୀ ମଞ୍ଚେଶ୍ୱର ଶିଳ୍ପାଞ୍ଚଳ ଶାଖା କାର୍ଯ୍ୟାଳୟରେ ସଭାପତି ଅଧିବକ୍ତା ଦିଲ୍ଲୀପ ଦାଶଶର୍ମା ସଭାପତିତ୍ୱ କରିଥିବା ବେଳେ ସ୍ଥାନୀୟ କରପୋରେଟର ଶୁଭ୍ରାଂଶ ଶେଖର ପଟ୍ଟନାୟକ, ସଂସ୍କୃତି ବିଭାଗର ଅନୁଶାସନ ସଚିବ ଲକ୍ଷ୍ମୀଧର ବେହେରା, ଉତ୍କଳ ସମ୍ମିଳନୀ ମଞ୍ଚେଶ୍ୱର ଶାଖାର ଉପ-ସଭାପତି ଶିତଳ ଚନ୍ଦ୍ର ମହାନ୍ତି ଓ ବରିଷ୍ଠ ସଦସ୍ୟ ପ୍ରସନ୍ନ ରଥ ଓ ପ୍ରବିର ମହାନ୍ତି ପ୍ରମୁଖ ଜୟଦେବଙ୍କ ଗୁଣାବଳି ବର୍ଣ୍ଣନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜୟଦେବ ବିହାର ଅଟୋ ଆସୋସିଏସନର ସଭାପତି କବିଚନ୍ଦ୍ର ପଣ୍ଡିମରାୟ, ସମ୍ପାଦକ ବାପି ନାୟକ, ସମ୍ମିଳନୀର ସଂପାଦିକା ବାସନ୍ତୀ ତ୍ରିପାଠୀ, ମହେଶ୍ୱର ବିଶ୍ୱାଳ, ଶରତ ଚନ୍ଦ୍ର ସାହୁ, ଅକ୍ଷୟ ଜେଠୀ, ଗୋପୀ ମୋହନ ପଟ୍ଟନାୟକ, ସମରଂଜନ ମହାନ୍ତି, ରାମଚନ୍ଦ୍ର ସାମଲ, ସୁରେନ୍ଦ୍ର ନାଥ ଛୋଟରାୟ, ପ୍ରକାଶ ସାମଲ, କାମଦେବ ମହାପାତ୍ର ଓ ଆଶୀର୍ବାଦ ନାୟକ ପ୍ରମୁଖ ବହୁ ସଦସ୍ୟ ଉପସ୍ଥିତ ରହି ଶ୍ରଦ୍ଧାଂଜଳି ଜ୍ଞାପନ କରିଥିଲେ ।

# ଠଣାପଲ୍ଲୀରେ ଶ୍ରମିକ ଦିବସ ପାଳିତ

ଖୋର୍ଦ୍ଧା (ପିଏନ)- ବିଶ୍ୱ ଶ୍ରମିକ ଦିବସ ଉପଲକ୍ଷେ ଧଳାପଥର ଗ୍ରାମ ପଂଚାୟତର ଠଣାପଲ୍ଲୀ ଗ୍ରାମରେ ଶ୍ରମିକ ନେତା ଅକ୍ରୁର ପ୍ରଧାନଙ୍କ ପୌରୋହିତ୍ୟରେ ଶ୍ରମିକ ଦିବସ ପାଳିତ ହୋଇଯାଇଛି ।ଏଥିରେ ମହିଳା ଓ ପୁରୁଷ ଶ୍ରମିକ ଲାଲ ପତାକା ଧରି ଗ୍ରାମ ପରିକ୍ରମା କରି ସାରିବା ପରେ ସଭାସ୍ଥଳରେ କମ୍ୟୁନିଷ୍ଟ ନେତା ପୂର୍ଣ୍ଣ ଚନ୍ଦ୍ର ମହାପାତ୍ରଙ୍କ ଦ୍ୱାରା ପତାକା ଉତୋଳନ କରିଥିଲେ। ଏ ନେଇ ସଭାରେ ଶ୍ରୀ ପ୍ରଧାନ ମତ ରଖିଥିଲେ ଦେଶ ଓ ରାଜ୍ୟରେ ଶ୍ରମିକଙ୍କ ବିନା ବିକାଶ ହେବା ଅସମ୍ଭବ ଓ ଶ୍ରମିକମାନେ ସକଳ ପଦାର୍ଥର ଅଧାର। ସମସ୍ତ ଶ୍ରମିକ ଶ୍ରେଣୀ ଏକଯୁଟ ହୋଇ ନିଜର ଅଧିକାର ପାଇଁ ଆନ୍ଦୋଳନ କଲେ ଦେଶ ପ୍ରଗତି ପଥରେ ଅଗେଇବ ବୋଲି କହିଥିଲେ। ଏଥିରେ କମ୍ରେଡ ନିରଂଜନ ମହାପାତ୍ର, ପବିତ୍ର କୁମାର ମହାପାତ୍ର, ନାରୀନେତ୍ରୀ ନେତ୍ରମଣି ପ୍ରଧାନ, ଗୀତା ଦେହୁରୀ, ରୀନା ସେଠୀ, ନଳିନୀ ଦେହୁରୀ ଓ ଏକା ସେଠୀଙ୍କ ସହ ବହୁକର୍ମୀ ଯୋଗ ଦେଇଥିଲେ।




# ଖରାଦିନରେ କାନ-ନାକ-ଗଳାର ଯତ୍ନ



ଗ୍ରୀଷ୍ମଋତୁ ଆସୁ ଆସୁ ତତଲା ଖରା ଜନଜୀବନକୁ ଅସ୍ତବ୍ୟସ୍ତ କରିପକେଲାଣି। ତତଲା ଖରାକୁ ଅବେଳିଆ କାଳବୈଶାଖୀ ଲୋକମାନଙ୍କ ସ୍ୱାସ୍ଥ୍ୟ ବିଶେଷକରି କାନ-ନାକ-ଗଳା ପରି ଏକ ସମ୍ବେଦନଶୀଳ ଶରୀର ତନ୍ତ୍ରକୁ ଅବ୍ୟବସ୍ଥିତ କରୁଛି। ପ୍ରାୟତଃ ଖରାଦିନକୁ ନେଇ ଲୋକମାନଙ୍କର ତତ୍‌ସମ୍ବନ୍ଧୀ ଅନେକ ରୋଗ ରହିଥାଏ। ଆସନ୍ତୁ ଟିକିଏ ଜାଣିବା ଶରୀର ସବୁଠାରୁ ସ୍ପର୍ଶକାତର ଅଙ୍ଗ ହେଉଛି କାନ। ଖରା ଦିନରେ ତୀବ୍ର ଖରା ଓ ଧୂଳି କାନ ପ୍ରବେଶ କଲେ ସ୍ୱାଭାବିକ ଭାବରେ ନାକ ଓ ଗଳାକୁ ସଂକ୍ରମିତ କରିଥାଏ। ଗରମ ପାଗରେ ଥଣ୍ଡା ଚିକିତ୍ସା କରିବାଦ୍ୱାରା ଏହା ଉପଶମ ପରିବର୍ତ୍ତେ ଅନେକ କ୍ଷତିକାରକ ବା ଘାତକ ସାବ୍ୟସ୍ତ ହୋଇଥାଏ। ଆଜିକାଲି ମୋବାଇଲ ଫୋନର ଇୟର ଫୋନ ଅନେକ ବ୍ୟବହାର କରୁଛନ୍ତି। ଘଣ୍ଟା ଘଣ୍ଟା ଧରି ଏହା କାନରେ ଲାଗି ରହୁଛି। କିନ୍ତୁ ତୀବ୍ର ଖରାରେ ମୁଣ୍ଡରୁ ବୋହୁଥିବା ଝାଳ ଏହି ଇୟର ଫୋନର ତୁଳା ଅଂଶକୁ ପ୍ରଭାବିତ କରି କାନର ଭିତର ଭାଗକୁ ବି ସମସ୍ୟା ଉପୁଯାଇଥାଏ। ଖରା ଦିନରେ ବିଶେଷକରି ଯୁବବର୍ଗ ଆଉ ପିଲାମାନେ ନଦୀ, ପୋଖରୀରେ ବୁଡ଼ି ଗାଧୋଇବାର ଆନନ୍ଦ ଦାୟକ ଅଭ୍ୟାସ ରଖିଥାନ୍ତି କିନ୍ତୁ ଦୂଷିତ ଜଳ କାନ ସଂକ୍ରମଣର ପ୍ରଥମ ବୈଶିଷ୍ଟ୍ୟ କହିଲେ ଅତ୍ୟୁକ୍ତି ହେବନାହିଁ। କେବଳ କାନ ନୁହେଁ ନାକକୁ ବି ଏହା ପ୍ରଭାବିତ କରେ। ଆଗରୁ କାନ-ନାକ-ଗଳାର କୌଣସି ଅସୁବିଧା ଥିଲେ ଖରାଦିନେ ଥଣ୍ଡା ପାଣି ବା ଅନ୍ୟ ବରଫଯୁକ୍ତ ପାନୀୟ ଦ୍ରବ୍ୟ ଏହାର ଯନ୍ତ୍ରଣାକୁ ବଢ଼ାଇବା କାମ କରିଥାଏ। ଉଦୁଉଦିଆ ଖରାରେ ଅନେକ ଜାଗାରେ ଧୂଳି ଓ ବର୍ଜ୍ୟବସ୍ତୁ ପୋଡ଼ା ହେଉଥିବା ପ୍ରଦୂଷଣଯୁକ୍ତ ଧୂଆଁ କାନ ଓ ନାକକୁ ଗଭୀର ଭାବେ ପ୍ରଭାବିତ କରେ। ଉପରୋକ୍ତ ସମସ୍ୟାରୁ ମୁକ୍ତ ରହିବା ପାଇଁ ନିମ୍ନ ଲିଖିତ ଉପାୟମାନ ଅନୁକରଣୀୟ।

ଠିକ୍ ସମୟରେ ଖାଦ୍ୟପେୟ ଖାଇବା, ଉପବାସ ଠାରୁ ଦୂରେଇ ରହିବେ, ଭୋକ ପେଟରେ ରହିବେ ନାହିଁ। ଥଣ୍ଡା ଉପୁଜୁଥିବା ଖାଦ୍ୟଦ୍ରବ୍ୟ ଠାରୁ ଦୂରରେ ରହିବେ ଯଥା ବାଶୀ ପଖାଳ ଖଟା, ଆଇସିକ୍ରିମ, ଫ୍ରିଜପାଣି, କୋଲଡ୍ରିଙ୍ଗସ୍ ଠାରୁ ଦୂରେଇ ରହିବେ। ପଖାଳ ଖାଉଥିବା ଲୋକମାନେ ତୋରାଣି ନପିଇ ପାଣି ପିଇବାର ଅଭ୍ୟାସ ରଖନ୍ତୁ। ଶୋଷ ହେଲେ ଏକାଥରକେ ଦୁଇ ଗ୍ଲାସରୁ ଅଧିକ ପାଣି ପିଅନ୍ତୁ ନାହିଁ ଆବଶ୍ୟକ ପଡ଼ିଲେ ଘଣ୍ଟାଏ ଛାଡ଼ି ପିଇ ପାରିବେ।

ଏହି ଋତୁରେ ପୂର୍ବରୁ ରକ୍ତଚାପ ଥିବା ରୋଗୀ, ସ୍ନାୟୁଜନିତ ବଧିରତାର ଶିକାର ହୁଅନ୍ତି ତେଣୁ ଏହି ରୋଗୀମାନେ ଏହି ସମୟରେ ରକ୍ତଚାପକୁ ନିୟନ୍ତ୍ରଣ ପାଇଁ ଚିକିତ୍ସା ରଖିବା ଉଚିତ। କାନ କୁଣ୍ଡାଇବା ପରି ଆବଶ୍ୟକ କଲେ ଶୋଧିତ ତୁଳାକାଠି ବ୍ୟବହାର କରନ୍ତୁ। ଯେକୌଣସି ଜିନିଷକୁ କାନ ଭିତରେ ପୁରାଇବାର କୁଅଭ୍ୟାସ ଠାରୁ ଦୂରେଇ ରୁହନ୍ତୁ। ସାଧାରଣତଃ ଥଣ୍ଡାରୁ ପ୍ରଭାବିତ ଲୋକମାନେ ରାତିରେ ଶୋଇଲାବେଳେ କାନରେ ତୁଳା ଦେଇ ଶୋଇଲେ ଭଲ। ଥଣ୍ଡାରୁ ପ୍ରଭାବିତ ଲୋକମାନେ ମୁଣ୍ଡ ସଫା କରୁଥିଲେ ଥଣ୍ଡା ଟାବ୍‌ଲେଟ ଖାଇ ଘଣ୍ଟାଏ ପରେ ମୁଣ୍ଡ ସଫା କରିବା ଉଚିତ। ବିଶେଷକରି ଏହି ଖରା ଋତୁରେ ସମସ୍ତ ପ୍ରକାର ନିଶା ଦ୍ରବ୍ୟ ଠାରୁ ଦୂରେଇ ରୁହନ୍ତୁ ଏବଂ ଥଣ୍ଡା ଖାଦ୍ୟ ଏବଂ ବଜାରର ଫାଷ୍ଟଫୁଡ ଠାରୁ ମଧ୍ୟ ଦୂରେଇ ରହିବାକୁ ଯଥାସମ୍ଭବ ଚେଷ୍ଟା କରିବା ବହୁତ ଭଲ। ଖରାଦିନେ କିଛି କ୍ଷେତ୍ରରେ ସର୍ଦ୍ଦି ରହିଥିଲେ ଏହା ଗଳାକୁ ବି ସଂକ୍ରମଣ କରିବାକୁ ବାଟ କଢ଼ାଏ। ନିୟମିତ ଭାବେ କାନୁ ସଫା ରଖନ୍ତୁ, ଟୁଣୁକା ଟୁଣୁକି କୌଣସି ତେଲ ବା କାଠି କାନ ଭିତରକୁ ପୁରାନ୍ତୁ ନାହିଁ। ଏସବୁ ସତ୍ତ୍ୱେ ଯଦି କାନ-ନାଗ-ଗଳାର ସଂକ୍ରମଣ ହୋଇଥାଏ ତେବେ ତୁରନ୍ତ କର୍ଣ୍ଣ-ନାସା-ଗଳା ରୋଗ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ।

**ନାରାୟଣ ଚନ୍ଦ୍ର ବିଶ୍ୱାଳ,** ବାକ୍ ଶ୍ରବଣ ବିଶେଷଜ୍ଞ, ଭୁବନେଶ୍ୱର, ଦୂରଭାଷ : ୯୪୩୮୨୭୬୭୬୦

# ସାମ୍ବାଦିକ ଦୀପକ କୁମାର ସିଂହଙ୍କ ମାତୃବିୟୋଗ

ବାଲେଶ୍ୱର (ପିଏନ୍): ବାଲେଶ୍ୱର ଜିଲ୍ଲା ସମ୍ମିଳିତ କର୍ମଜିବୀ ସାମ୍ବାଦିକ ସଂଘର ସକ୍ରିୟ ସଦସ୍ୟ ସାମ୍ବାଦିକ ଦୀପକ କୁମାର ସିଂହଙ୍କ ମାଆ ସୁମିତ ସିଂହ ବୈଶିଙ୍ଗା ମାନଗୋନ୍ଦପୁର ସ୍ଥିତ ନିଜ ବାସଭବନରେ ଅସୁସ୍ଥ ଅନୁଭବ ହେବାରୁ ବାଲେଶ୍ୱର ଡାକ୍ତରଖାନା ନେବା ରାସ୍ତାରେ ବୈଶିଙ୍ଗାଠାରେ ତାଙ୍କର ହୃଦଘାତରେ ପରଲୋକ ହୋଇଥିଲା। ବୈଶିଙ୍ଗା ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ୍ୟୁ ବେଳକୁ ତାଙ୍କୁ ୫୬ ବର୍ଷ ବୟସ ହୋଇଥିଲା। ସେ ଜଣେ ମିଷ୍ଟଭାଷୀ, ପରୋପକାରୀ ଓ ସମାଜସେବୀ ହିସାବରେ ମାନଗୋବିନ୍ଦପୁର ପଞ୍ଚାୟତ ତଥା ବୈଶିଙ୍ଗା ଅଞ୍ଚଳରେ ପରିଚିତ ଥିଲେ। ମୃତ୍ୟୁ ଖବର ପାଇ ସେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଥିଲା। ତାଙ୍କ ମରଶରୀର ପାଖରେ ସ୍ୱାମୀ ପୁରୁଷୋତ୍ତମ ସିଂହ, ୨ ପୁତ୍ର ଦୀପକ କୁମାର ସିଂହ ଓ ଅମିତ କୁମାର ସିଂହ, ଏକମାତ୍ର ଝିଅ ଦିପ୍ତିମୟୀ ସିଂ, ଜ୍ୱାଇଁ ପରମେଶ୍ୱର ନାୟକ, ପୁତ୍ରବଧୂ ରଶ୍ମିରେଖା ପାଣିଗ୍ରାହୀ ଓ କଳ୍ପନା ବ୍ରହ୍ମ, ନାତିନାତୁଣୀ ଦିବ୍ୟାଂଶୁ, ପ୍ରାଚୀ, ମେହେକ ଏବଂ ଆତ୍ମୀୟସ୍ୱଜନମାନେ ଉପସ୍ଥିତ ଥିଲେ। ବାଲେଶ୍ୱର ବୈଶିଙ୍ଗା ଅଞ୍ଚଳର ନେତା, ସାମ୍ବାଦିକ, ଡାକ୍ତର, ଶିକ୍ଷକ, ଶିକ୍ଷୟତ୍ରୀ ଏବଂ ଗ୍ରାମବାସୀମାନେ ଶେଷ ଦର୍ଶନ କରିବା ସହିତ ଶୋକାକୁଳ ପରିବାରଙ୍କୁ ସମବେଦନା ଜଣାଇଥିଲେ। ସନ୍ଧ୍ୟାରେ ମାନଗୋବିନ୍ଦପୁର ଗ୍ରାମ ଶ୍ମଶାନରେ ଶବ ସଂସ୍କାର କରାଯାଇଥିଲା।

*-ସ୍କୁଲ୍‌କୁ ଯିବୁ, ପାଠ ପଢ଼ିବୁ, ଭଲ ମଣିଷ ହେବୁ-*

# ଆଦିବାସୀ ପଲ୍ଲୀରେ 'ଆସ ଆମେ ସ୍କୁଲ୍‌କୁ ଯିବା' କାର୍ଯ୍ୟକ୍ରମ







ଭୁବନେଶ୍ୱର (ପିଏନ୍): ଆଜକୁ ଦୁଇବର୍ଷ ହେବ କୋଭିଡ୍ ମହାମାରୀ ଯୋଗୁଁ ବିଦ୍ୟାଳୟରେ ତାଲା ପଡ଼ି ରହିଥିଲା। ଅନ୍‌ଲାଇନ୍ ଶିକ୍ଷା ଦିଆଯାଇଥିଲେ ସୁଦ୍ଧା ବିଦ୍ୟାର୍ଥୀମାନେ ଏହାର ଶତପ୍ରତିଶତ ସୁଫଳ ପାଇପାରି ନଥିଲେ। ଦୁଇବର୍ଷ ମଧ୍ୟରେ ଅନେକଙ୍କ ପାଠ ପଢ଼ାରେ ଡ଼ୋରି ବନ୍ଧା ହୋଇଯାଇଛି। ଅନେକ ବିଦ୍ୟାର୍ଥୀ ନିଜ ପିତାମାତାଙ୍କ ସହ ମୂଲ ଲାଗିବା ପାଇଁ ଯାଉଥିବା ବେଳେ ଆଉ କେହି ହାଣ୍ଡିଆ ବିକ୍ରୀ କରିବାକୁ ଯାଉଛନ୍ତି ତ ଆଉ କେହି ଘରକାମ ଓ ରୋଷେଇ କାର୍ଯ୍ୟ କରୁଛନ୍ତି। ବିଦ୍ୟାଳୟ ଖୋଲିଥିଲେ ସୁଦ୍ଧା ବିଦ୍ୟାଳୟକୁ ଯିବା କଥା ସମ୍ପୂର୍ଣ୍ଣ ରୂପେ ବିଦ୍ୟାର୍ଥୀମାନେ ଭୁଲି ଯାଇଛନ୍ତି। ଏହିଭଳି ଅଭାବନୀୟ ଏବଂ କରୁଣ ଦୃଶ୍ୟର ଚିତ୍ର ଦେଖିବାକୁ ମିଳିଛି ଚନ୍ଦକା-ଡମ୍‌ପଡ଼ା ହସ୍ତୀ ଅଭୟାରଣ୍ୟ ଘେର ମଧ୍ୟରେ ରହିଥିବା ଆଦିବାସୀ ପଲ୍ଲୀ କନ୍ଦଲେଇରେ। ଗାଁର ବିକାଶ ନେଇ କାର୍ଯ୍ୟ କରୁଥିବା ସାମାଜିକ କର୍ମୀ ସୁଶାନ୍ତ ସାହୁ ବିଦ୍ୟାର୍ଥୀମାନଙ୍କର ଏତାଦୃଶ କାର୍ଯ୍ୟକୁ ଦେଖି ବିଦ୍ୟାର୍ଥୀ ଓ ଅଭିଭାବକଙ୍କ ମଧ୍ୟରେ ସକରାତ୍ମକ ଭାବନା ଜାଗ୍ରତ କରିବା ପାଇଁ ଗାଁରେ ଆୟୋଜନ କରିଛନ୍ତି 'ଆସ ଆମେ ସ୍କୁଲ୍‌କୁ ଯିବା' କାର୍ଯ୍ୟକ୍ରମ। ଗାଁରେ ଥିବା କିଛି ବିଦ୍ୟାର୍ଥୀ ଉକ୍ତ କାର୍ଯ୍ୟକ୍ରମ ମାଧ୍ୟମରେ ଆମେ ସ୍କୁଲ୍‌କୁ ଯିବୁ, ପାଠ ପଢ଼ିବୁ, ଭଲ ମଣିଷ ହେବୁ ବୋଲି ଆଗ୍ରହ ପ୍ରକାଶ କରିଛନ୍ତି। ଗାଁ ବାହାରକୁ ଚାଲିଯାଇ ମୂଲ ଲାଗୁଥିବା ବିଦ୍ୟାର୍ଥୀମାନଙ୍କ ସହ ଯୋଗାଯୋଗ କରିବା ପାଇଁ ଗ୍ରାମବାସୀଙ୍କୁ ନିବେଦନ କରାଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ସ୍ଥାନୀୟ କନ୍ଦଲେଇ ସରକାରୀ ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଚିତ୍ର କୁମାର ମାଝୀଙ୍କ ସମେତ ସାମାଜିକ କର୍ମୀ ପ୍ରିୟବ୍ରତ ପଣ୍ଡା, ତ୍ରିଲୋଚନ ବେଉରା, ପ୍ରଦୀପ୍ତ ରଞ୍ଜନ ରାଉତଙ୍କ ଉପସ୍ଥିତିରେ ଅଭିଭାବକ ଓ ବିଦ୍ୟାର୍ଥୀମାନଙ୍କୁ ସଚେତନ କରାଯାଇଥିଲା।

# ସାମ୍ବାଦିକଙ୍କର ସୁରକ୍ଷା ରାଜ୍ୟ ସରକାରଙ୍କ ପ୍ରାଥମିକତା ହେବା ଦରକାର



ଚଣ୍ଡିଖୋଲ (ପିଏନ)- ସାମ୍ବାଦିକଙ୍କର ସୁରକ୍ଷା ରାଜ୍ୟ ସରକାରଙ୍କ ପ୍ରାଥମିକତା ହେବା ଦରକାର ବୋଲି ପ୍ରେସ କ୍ଲବ ଚଣ୍ଡିଖୋଲର ୩୪ତମ ବାର୍ଷିକ ଉତ୍ସବରେ ଯୋଗଦେଇ ଅତିଥିମାନେ ନିଜନିଜ ବକ୍ତବ୍ୟରେ କହିଥିଲେ। ଗତ ଶନିବାର ସ୍ଥାନୀୟ ବିଜୁ କଲ୍ୟାଣମଣ୍ଡପ ଠାରେ ପ୍ରେସ କ୍ଲବ ଚଣ୍ଡିଖୋଲର ସଭାପତି ପ୍ରଦୀପ୍ତ କୁମାର ପରିଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ଯାଜପୁର ସାଂସଦ ଶର୍ମିଷ୍ଠା ସେଠୀ ଉଦ୍‌ଘାଟିକା ଭାବେ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିବା ସହ ସାମ୍ବାଦିକଂକର ସୁରକ୍ଷା ଆଜିର ଦିନରେ ନିତାନ୍ତ ଆବଶ୍ୟକ ବୋଲି କହିବା ସହ ଆଗାମୀ ଦିନରେ ସେ ଏହି ପ୍ରସଙ୍ଗରେ କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି କହିଥିଲେ। ମୁଖ୍ୟ ଅତିଥି ଭାବେ ବିଧାୟକ ଅମର ପ୍ରସାଦ ଶତପଥି ଯୋଗଦେଇ ସାମ୍ବାଦିକଙ୍କ ସହ ରାଜ୍ୟସରକାର ସବୁବେଳେ ଅଛନ୍ତି ଓ ସେମାନଙ୍କର ସୁରକ୍ଷା ପାଇଁ ସରକାର ସର୍ବଦା ଚେଷ୍ଟିତ ବୋଲି କହିଥିଲେ। ସକାରାତ୍ମକ ଓ ସଠିକ ଖବର ପରିବେଷଣ ଉପରେ ସାମ୍ବାଦିକମାନେ ଗୁରୁତ୍ୱ ଦେବା ଦରକାର ବୋଲି ବିଧାୟକ ନିଜ ବକ୍ତବ୍ୟରେ କହିଥିଲେ। ମୁଖ୍ୟବକ୍ତା ଭାବେ କେନ୍ଦ୍ରାଞ୍ଚଳ ଆଇଜି ନରସିଂହ ଭୋଳ ଯୋଗଦେଇ ପୋଲିସ ପ୍ରଶାସନ ସର୍ବଦା ସାମ୍ବାଦିକଙ୍କ ସୁରକ୍ଷା ପ୍ରତି ଯତ୍ନବାନ ଅଛନ୍ତି ଓ ସାମ୍ବାଦିକଙ୍କ ଉପରେ ହେଉଥିବା ଆକ୍ରମଣରେ ପୋଲିସ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେଉଛି ଓ ଆଗାମୀ ଦିନରେ ଏହା ଆହୁରି ଶାଣିତ ହେବ ବୋଲି ସେ କହିଥିଲେ। ତାଙ୍କ ବିଭାଗ ଅଧୀନରେ ଆସୁଥିବା ସମସ୍ତ ଥାନା ଅଂଚଳରେ ସାମ୍ବାଦିକଙ୍କ ଉପରେ ଆକ୍ରମଣରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ହେଉଛି ବୋଲି ସେ କହିଥିଲେ। ସମ୍ମାନିତ ଅତିଥି ଭାବେ ବଡ଼ଚଣା ପଂଚାୟତ ସମିତି ଅଧକ୍ଷା ମିନତୀ ସେନାପତି, ଉପାଧ୍ୟକ୍ଷ ବିଭାସ ଚନ୍ଦ୍ର ନନ୍ଦ, ସୂଂଗୁଡା ସରପଂଚ ଅଞ୍ଜୁଳତା ସ୍ୱାଇଁ, ସମିତି ସଭ୍ୟା ସ୍ନିଗ୍ଧାରାଣୀ ସ୍ୱାଇଁ, ପ୍ରେସକ୍ଲବ ଚଣ୍ଡୀଖୋଲର ବରିଷ୍ଠ ସଭ୍ୟ ବେଣୁଧର ପଣ୍ଡା ପ୍ରମୁଖ ଯୋଗଦେଇ ସାମ୍ବାଦିକଂକର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ପ୍ରେସକ୍ଲବ ସମ୍ପାଦକ ଦିଲୀପ କୁମାର ମହାନ୍ତି ବାର୍ଷିକ ବିବରଣୀ ପାଠ କରିଥିଲେ। ସାମ୍ବାଦିକ ପ୍ରସନ୍ନ କୁମାର ବିଶ୍ୱାଳ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସାମ୍ବାଦିକ ସମରେନ୍ଦ୍ର ମହଲା ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ଦର୍ପଣ ତହସିଲଦାର ପ୍ରଦୀପ କୁମାର ସେଠୀ, ସାମ୍ବାଦିକ ନିର୍ମଳ ଚନ୍ଦ୍ର ସାମଲ ଓ ଚଣ୍ଡିଖୋଲର ବରିଷ୍ଠ ନାଗରିକ କମ୍ରେଡ ଜଚିନ୍ଦ୍ର ଜେନାଙ୍କୁ ଅତିଥିମାନେ ମାନପତ୍ର, ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ସାମ୍ବାଦିକ ହେମନ୍ତ କୁମାର ଜେନା ଓ ପ୍ରସନ୍ନ କୁମାର ବିଶ୍ୱାଳ ମାନପତ୍ର ପାଠ କରିଥିଲେ। ଏହି ଅବସରରେ କ୍ଲବର ମୁଖପତ୍ର 'ପ୍ରତିନିଧି'କୁ ଅତିଥିମାନେ ଉଦ୍‌ଘାଟନ କରିଥିଲେ। ପ୍ରାରମ୍ଭରେ ଉଦୀୟମାନ କଳା ପରିଷଦର କଳାକାରମାନେ ସ୍ୱାଗତ ସଂଗୀତ ଓ ବନ୍ଦେ ଉତ୍କଳ ଜନନୀ ସଂଗୀତ ପରିବେଷଣ କରିଥିଲେ। କ୍ଲବର ପୁରାତନ ସଭ୍ୟ ଅନିରୁଦ୍ଧ ସାମନ୍ତରାୟ ଓ ସାମ୍ବାଦିକ ହେମନ୍ତ ଜେନାଙ୍କ ଅକାଳ ବିୟୋଗରେ ୨ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଶେଷରେ ସାମ୍ବାଦିକ ପ୍ରଶାନ୍ତ କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ସଭ୍ୟ ଶିବରାମ ସାହୁ, ଅଭିମନ୍ୟୁ ଧଳ, ନରେନ୍ଦ୍ର ରାଉତ, ମୋହନ ଖିଲାର, ଦେବବ୍ରତ ଦେବତା, ହେମେଶ ଜେନା, ଭାରତ ଭୂଷଣ ପଣ୍ଡା, ପ୍ରତାପ ରାଉତରାୟ, ସୁରେନ୍ଦ୍ର ସାମଲ, ଦିଲୀପ ସାହୁ, ସମରେନ୍ଦ୍ର ସାମଲ, ସେକ ସ୍ୱବିରଦ୍ଦିନ, ପ୍ରତାପ ଗୋଛାୟତ, ମହେଶ୍ୱର ରାଉତ,ଦୀନବନ୍ଧୁ ନାୟକ, ମନୋଜ ସାହୁ, ଦୟାସାଗର ସ୍ୱାଇଁ, ଅନନ୍ତ ସ୍ୱାଇଁ ପ୍ରମୁଖ ନିଜନିଜର ସଂକ୍ଷିପ୍ତ ଭାଷଣ ଦେବା ସହ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।


## DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Pragyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com


## ସରକାରୀ ଆଇଟିଆଇର ଛାତ୍ରୀ ସୋନାଲୀ ସର୍ବଭାରତୀୟ ଟପର

ବାଲେଶ୍ୱର (ପିଏନ୍)- ସରକାରୀ ଆଇଟିଆଇର ଛାତ୍ରୀ ସୋନାଲୀ ବିଶ୍ୱାଳ (୨୨) ସର୍ବଭାରତୀୟ ସ୍ତରରେ ୯୩ ପ୍ରତିଶତ ନମ୍ବର ରଖି ଟପର ହୋଇଛନ୍ତି। ବସ୍ତା ବ୍ଲକ ନଳବାହାର ଅଞ୍ଚଳର ସଂକର୍ତ୍ତନ ବିଶ୍ୱାଳ ଓ ବାସନ୍ତୀ ବିଶ୍ୱାଳଙ୍କ ଝିଅ ହେଉଛନ୍ତି ସୋନାଲୀ। ବାପା ବ୍ୟବସାୟୀ ହୋଇଥିବା ବେଳେ ମା' ଜଣେ ଗୃହିଣୀ। ସୋନାଲୀ ନଳବାହାର ଗାନ୍ଧିଜୀ ହାଇସ୍କୁଲରେ ୭୫ ପ୍ରତିଶତ ନମ୍ବ ରଖି ପ୍ରଥମ ଶ୍ରେଣୀରେ ଉତ୍ତିର୍ଣ୍ଣ ହେବା ପରେ ବାଲେଶ୍ୱରରେ କଲେଜରୁ ବିଜ୍ଞାନରେ ୫୨ ପ୍ରତିଶତ ଓ ଶାନ୍ତିଲତା ମହାବିଦ୍ୟାଳୟରୁ ପ୍ରଥମ ଶ୍ରେଣୀରେ ସ୍ନାତକ ପାସ୍ କରି ସରକାରୀ ଆଇଟିଆଇରେ ୱେଲ୍‌ଡିଙ୍ଗ ବିଭାଗରେ ନାମ ଲେଖାଇଥିଲେ। ସର୍ବଭାରତୀୟ ସ୍ତରରେ ଏହି ସଫଳତା ପାଇଁ ସୋନାଲୀଙ୍କୁ ବିଭିନ୍ନ ମହଲରେ ଶୁଭେଚ୍ଛା ଜ୍ଞାପନ କରଯାଇଛି।

## ନବଜାଗରଣ ବସ୍ତି ବାସିନ୍ଦା ସମ୍ମିଳନ ସଂଘର ସାମ୍ବାଦିକ ସମ୍ମିଳନୀ

ବାଲେଶ୍ୱର (ପିଏନ୍)- ଅଙ୍ଗାରଗଡ଼ିଆ ପମ୍ପ ହାଉସ ବସ୍ତି ବାସିନ୍ଦା ଭାବେ ୨୪ଟି ପରିବାର ୩୫ରୁ ଅଧିକ ବର୍ଷ ହେବ ବସବାସ କରି ଆସୁଛନ୍ତି। କିଛି ମାସ ପୂବରୁ ଏହି ବସ୍ତି ବାସିନ୍ଦାଙ୍କୁ ଉଚ୍ଛେଦ କରିବା ନିମନ୍ତେ ଜିଲ୍ଲା ପ୍ରଶାସନ ପକ୍ଷରୁ ଉଦ୍ୟମ କରାଯାଇଥିଲା। ପ୍ରଥମେ ଥଇଥାନ ସୁବିଧା କରାଯାଇ ଉଚ୍ଛେଦ କରାଯାଉ ବୋଲି ବସ୍ତି ବାସିନ୍ଦା ଦାବି କରି ଧାରଣା ଦେଇଥିଲେ। ଭୂମିହୀନଙ୍କୁ ସରକାର ଜାଗା ଯୋଗାଇ ଦେବା ପାଇଁ ପ୍ରତିଶ୍ରୁତି ଦେଇଥିବା ବେଳେ ଜିଲ୍ଲା ପ୍ରଶାସନ ପକ୍ଷରୁ ଏମାନଙ୍କୁ ଜାଗା ପ୍ରଦାନ କରାଯିବା ନେଇ ପ୍ରତିଶ୍ରୁତି ମଧ୍ୟ ମିଳିଥିଲା। ହେଲେ ଜିଲ୍ଲା ପ୍ରଶାସନ ପକ୍ଷରୁ ଉକ୍ତ ସ୍ଥାନ ଉଚ୍ଛେଦ କରାଯିବାକୁ ବସ୍ତି ବାସିନ୍ଦାଙ୍କୁ କୁହାଯାଇଥିଲା। ହେଲେ ଥଇଥାନ ବାବଦରେ ସେମିତି କିଛି ସ୍ପଷ୍ଟ ସୂଚନା ଦିଆଯାଇନାହିଁ। ହାଇକୋର୍ଟ ନିର୍ଦ୍ଦେଶକୁ ନ ମାନି ଜିଲ୍ଲା ପ୍ରଶାସନ ନେଇଥିବା ନିଷ୍ପତିକୁ ବସ୍ତି ବାସିନ୍ଦା ବିରୋଧ କରିଛନ୍ତି। ଆଗାମୀ ଦିନରେ ଯାହା ହେବ ସେଥିପାଇଁ ଜିଲ୍ଲାପାଳ, ତହସିଲଦାର, ଆରଆଇ ଦାୟୀ ରହିବେ ବୋଲି ବସ୍ତି ବାସିନ୍ଦା ଚେତାବନୀ ଦେଇଛନ୍ତି।

# ଜିଲ୍ଲାସ୍ତରୀୟ ପାଇକ ଆଖଡ଼ା ସମାବେଶ

ଖୋର୍ଦ୍ଧା (ପିଏନ୍): ଖୋର୍ଦ୍ଧା ନିକଟ ଉଇଲକିଶନ ନଗର (ସାହେବ ନୂଆଗାଁ)ଠାରେ ଖୋର୍ଦ୍ଧା ପାଇକ ଆଖଡ଼ା ସଂଘ ଦ୍ୱାରା ଜିଲ୍ଲାସ୍ତରୀୟ ପାଇକ ଆଖଡ଼ା ସମାବେଶ ଓ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଖୋର୍ଦ୍ଧା ପାଇକ ଆଖଡ଼ା ସଂଘର ସଭାପତି ଶମ୍ଭୂନାଥ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅତିଥି ରୂପେ ଅଧ୍ୟାପକ ଡକ୍ଟର ଦିଲ୍ଲୀପ ଶ୍ରୀଚନ୍ଦନ, ନିୟୁ ଥିଙ୍କିଙ୍ଗ୍ ଫୋରମ୍‌ର ସଭାପତି ନରେନ୍ଦ୍ର ପୃଷ୍ଟି, ଅଧ୍ୟାପକ ଗୋପାଳକୃଷ୍ଣ ଦାସ, ଖଣ୍ଡାୟତ କ୍ଷତ୍ରୀୟ ମହାସଂଘର ସଭାପତି ଯୋଗିନାଥ ବଳିଆରସିଂହ, ରଘୁ-ଦିବାକର ସ୍ମୃତି ସଂସଦର ସାଧାରଣ ସମ୍ପାଦକ ବ୍ରଜବନ୍ଧୁ ପରିଡ଼ା, ଦେବପ୍ରସାଦ ମଜୁମଦାର ପ୍ରମୁଖ ଉପସ୍ଥିତ ରହିଥିଲେ। ପ୍ରଥମେ ଉକ୍ତ ଗ୍ରାମର ଦିବଂଗତ ପାଇକ ଗୁରୁ ପ୍ରଫୁଲ୍ଲ ଚନ୍ଦ୍ର ବିଶ୍ୱାଳ ଓ ଦୀନବନ୍ଧୁ ବିଶ୍ୱାଳଙ୍କ ଫଟୋଚିତ୍ର ତଳେ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ଏ ପାଇକମାନଙ୍କ ତ୍ୟାଗ ଓ ଆତ୍ମ ବଳିଦାନ ଅତୁଳନୀୟ ତାକୁ କେହି କେବେ ଭୁଲିପାରିବା ନାହିଁ। ଗାଁ ଗହଳିରେ ଏବେବି ପାଇକମାନେ ସୁପ୍ତ ଅବସ୍ଥାରେ ଅଛନ୍ତି। ତେବେ ରାଜ୍ୟ ସରକାର ଏଇ ପାଇକ ଆଖଡ଼ା ସଂଘ ପାଇଁ ଘର ସହିତ ପିଲାଙ୍କ ପାଠ୍ୟପୁସ୍ତକରେ ପାଇକ କଳା ପରମ୍ପରାକୁ ସ୍ଥାନିତ କରିବା, ଲୁପ୍ତ ପାଇକ ଆଖଡ଼ାକୁ ଉଜ୍ଜୀବିତ କରିବା ଏହି ସମାବେଶ ମାଧ୍ୟମରେ ରାଜ୍ୟ ସରକାରଙ୍କୁ ଜଣାଇବାକୁ ଏହାର ମୁଖ୍ୟ ଲକ୍ଷ୍ୟ ବୋଲି ଅତିଥିମାନେ କହିଥିଲେ। ଏହି ଅବସରରେ ପୁରୀ, କଣାସ ପାଇକ ଗୁରୁ ରମେଶ ଚନ୍ଦ୍ର ରାଉତରାୟ, କେଦାରଶ୍ୱର ଜଗଦେ, କେଶବଚନ୍ଦ୍ର ବରାଳ, କରଡ଼ଗାଡ଼ିଆର ବିରଞ୍ଚି କୁମାର ଜଗଦେଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ବିଭିନ୍ନ ଅଞ୍ଚଳରୁ ୩୦ଟି ପାଇକ ଦଳ ନିଜ ପାଇକ କଳା ପ୍ରଦର୍ଶନ କରିଥିଲେ। ଏହି ସମାବେଶ ସଭା ପୂର୍ବରୁ ବିଭିନ୍ନ ଅଞ୍ଚଳରୁ ଆସିଥିବା ପାଇକ ଦଳ ଓ ଅତିଥିମାନେ ଗ୍ରାମର ମା ଅଂଳାଇ ଦେବୀଙ୍କ ନିକଟରେ ପୂଜାର୍ଚ୍ଚନା କରି ମଶାଲ ଧରି ଏକ ଶୋଭାଯାତ୍ରା ସହିତ ଗ୍ରାମ୍ୟ ପରିକ୍ରମା କରିଥିଲେ। ସମ୍ପାଦକ କବିରାଜ ପ୍ରଧାନଙ୍କ ଆୟୋଜନରେ ମନୋଜ କୁମାର ବିଶ୍ୱାଳ, ରବୀନ୍ଦ୍ର କୁମାର ପ୍ରଧାନ, କେଦାର ସାହାଣୀ, ସୁରେଶ ଚନ୍ଦ୍ର ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ।

## ଅନିଲ କୁମାର ପଟ୍ଟନାୟକଙ୍କୁ ରାଜ୍ୟ ଗ୍ରୀନ କମାଣ୍ଡେଂଟ ସମ୍ମାନ

ଖୋର୍ଦ୍ଧା (ପିଏନ୍)- ଏକ ଅଗ୍ରଣୀ ଶିକ୍ଷାନୁଷ୍ଠାନ ସମୂହ ସୁଧାନନ୍ଦ ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷ ଡ଼. ଅନିଲ କୁମାର ପଟ୍ଟନାୟକଙ୍କୁ ରାଜ୍ୟ ଗ୍ରୀନ ଆର୍ମି କମାଣ୍ଡେଂଟ ସମ୍ମାନ ପ୍ରେରଣା ଇଂଟରନ୍ୟାସନାଲ ଗ୍ରୀନ ଆର୍ମି ପକ୍ଷରୁ ପ୍ରଦାନ କରାଯାଇଛି। ସୁଧାନନ୍ଦ କଲେଜ ପରିସରରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ପୂର୍ବତନ ମୁଖ୍ୟ ଶାସନ ସଚିବ ବିଜୟ କେତନ ପଟ୍ଟନାୟକ ସୁଧାନନ୍ଦ ଶିକ୍ଷାନୁଷ୍ଠାନ ସମୂହର ଅଧ୍ୟକ୍ଷଙ୍କୁ ଏହି ସମ୍ମାନ ପ୍ରଦାନ କରି କହିଲେ ସୁଧାନନ୍ଦ ଶିକ୍ଷାନୁଷ୍ଠାନର ସବୁଜିମା ପରିବେଶ ଅନ୍ୟତ୍ର ଦୁର୍ଲଭ। ଏହି ପରିବେଶ ପିଲାଙ୍କୁ ପଠନ କ୍ରିୟାରେ ବିଶେଷ ସାହାଯ୍ୟ କରିବ। ଏହି ଉତ୍ସବରେ ମୁଖ୍ୟବକ୍ତା ରୂପେ ପ୍ରେରଣା ଗ୍ରୀନ ଆର୍ମିର କମାଣ୍ଡାଂଟ ଇନ୍ ଚିଫ୍ ଡ଼.ଦିଲ୍ଲୀପ ଶ୍ରୀଚନ୍ଦନ ଯୋଗଦେଇ କହିଲେ ଶିକ୍ଷାନୁଷ୍ଠାନ ଓ ପରିବେଶ ପରସ୍ପର ପରିପୂରକ। ତାର ଜ୍ୱଳନ୍ତ ଉଦାହରଣ ନାଳନ୍ଦା ଶାନ୍ତି ନିକେତନ ସତ୍ୟବାଦୀର ବନ ବିଦ୍ୟାଳୟ ଆଦି। ତେଣୁ ଏହି ଅନୁଷ୍ଠାନର ପ୍ରତିଷ୍ଠାତା ଅଧ୍ୟକ୍ଷ ଅନିଲ କୁମାର ପଟ୍ଟନାୟକ ପରିବେଶ ସୁରକ୍ଷା ଓ ବୃକ୍ଷ ରୋପଣ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବାରୁ ଆମ୍ଭ ଅନୁଷ୍ଠାନ ପକ୍ଷରୁ ତାଙ୍କୁ ଏହି ମର୍ଯ୍ୟାଦାଜନକ ସମ୍ମାନ ପ୍ରଦାନ କରାଯାଇଛି।

# ବାବା ସାହେବ ଆମ୍ବେଦକରଙ୍କ ଜନ୍ମ ଜୟନ୍ତୀ ପାଳନ

ବାଲେଶ୍ୱର (ପିଏନ୍)- ସମ୍ବିଧାନ ପ୍ରଣୟନ କମିଟିର ମୁଖ୍ୟ, ମହାନ ରାଜନେତା, ଯୁଗଜନ୍ମା, ଭାରତରତ୍ନ ବାବା ସାହେବ ଭୀମରାଓ ରାମଜୀ ଆମ୍ବେଦକରଙ୍କ ଜନ୍ମ ଜୟନ୍ତୀ ଜିଲ୍ଲା ବିଜେପି ତରଫରୁ ଖୁବ୍ ହର୍ଷୋଲ୍ଲାସର ସହିତ ପାଳିତ ହୋଇଯାଇଛି। ପୂର୍ବତନ ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ ଓ ଏସସି ମୋର୍ଚ୍ଚାର ଜିଲ୍ଲା ସଭାପତି ମୃତ୍ୟୁଞ୍ଜୟ ଜେନାଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଓ ଜିଲ୍ଲା ସଭାପତି ଉମାକାନ୍ତ ମହାପାତ୍ର ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମର ପ୍ରଥମ ସୋପାନରେ ରେମୁଣା ଗୋଲେଇ ସ୍ଥିତ ବାବା ସାହେବଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ କରିବା ପରେ ଜିଲ୍ଲା କାର୍ଯ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦାନ କରି ବାବା ସାହେବଙ୍କୁ ଶ୍ରଦ୍ଧାସମ୍ମାନ ଅର୍ପଣ କରିବା ସହିତ ତାଙ୍କ ସ୍ମୃତିଚାରଣ ଓ ରାଷ୍ଟ୍ର ପାଇଁ ବାବା ସାହେବଙ୍କ ଅବଦାନ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋକପାତ କରାଯାଇଥିଲା। ସାଂସଦ ଶ୍ରୀ ଷଡ଼ଙ୍ଗୀ କ୍ଷୋଭ ପ୍ରକାଶ କରି କହିଥିଲେ ଯେ ସ୍ୱାଧିନତା ପରବର୍ତ୍ତୀ ଦୀର୍ଘ ସମୟ ଧରି କଂଗେସର ଶାସନ କାଳରେ ଦେଶର ମହାପୁରୁଷଙ୍କୁ ଉଚିତ ସମ୍ମାନ ମିଳି ନଥିଲା। ୨୦୧୪ ପରଠାରୁ ମୋଦିଜୀଙ୍କ ନେତୃତ୍ୱରେ ଗଠିତ ସରକାର ଭାରତମାତାଙ୍କ ସୁପୁତ୍ରମାନଙ୍କୁ ଉଚିତ ପ୍ରାପ୍ୟ ସମ୍ମାନ ଦେଇ ଆସୁଛନ୍ତି। ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାସଙ୍କ ଦ୍ୱାରା ଆୟୋଜିତ ଏକ ଜଳଛତ୍ରକୁ ସାଂସଦ ଶ୍ରୀଯୁକ୍ତ ଷଡ଼ଙ୍ଗୀ ଉଦ୍‌ଘାଟନ କରିଥିଲେ ଏବଂ ଜନସାଧାରଣଙ୍କୁ ମହାବିଷୁବ ପଣା ସଂକ୍ରାନ୍ତି ଏବଂ ଓଡ଼ିଆ ନବବର୍ଷର ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ।




# ହାଇଦ୍ରାବାଦରେ ଦାଦନ ଶ୍ରମିକଙ୍କ ମୃତ୍ୟୁ, ଥାନାରେ ମାମଲା

ନୂଆପଡା, (ପିଏନ)- ନୂଆପଡା ଜିଲ୍ଲାରେ ପୁଣି ଜଣେ ଦାଦନ ଶ୍ରମିକଙ୍କର ମୃତ୍ୟୁ ଘଟିଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି । ଏନେଇ ମୃତ ଦାଦନ ଶ୍ରମିକଙ୍କ ଭାଇ ଖଡିଆଳ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ସୂଚନାମତେ ଖଡିଆଳ ବ୍ଲକ ରାଣିମୁଣ୍ଡା ଗ୍ରାମର ମନୋଜ ହିଆଲ ନାମକ ଯୁବକ ଚଳିତ ମାସ ୫ ତାରିଖ ଦିନ ହଇଦ୍ରାବାଦକୁ ଦାଦନ ଖଟିବାକୁ ବାହାରିଥିଲେ । ସେ ଗତ ୭ ତାରିଖ ଦିନ ହାଇଦ୍ରାବାଦର ଇନ୍ଦ୍ରମପାଟନମ ଥାନା ସ୍ଥିତ ପିତୁଲା ଗ୍ରାମରେ ଥିବା ଇଟାଭାଟିରେ ପହଂଚିଥିଲେ । ଦାଦନ ମାଲିକ ଏଙ୍କେଟେସ ମନୋଜ ହିଆଲଙ୍କୁ ପ୍ରଥମେ ଟ୍ରେନରେ ଟିକେଟ କାଟି ଦେଇ ପହଂଚିଲା ପରେ ୬୦ ହଜାର ଟଙ୍କା ଦେବାକୁ ପ୍ରତିଶୃତି ଦେଇଥିଲେ । ହେଲେ ମନୋଜ ପହଂଚିବା ପରେ କାମ କରିବାକୁ କହିଥିଲେ । ଟଙ୍କା କଥା କହିବାରୁ କିଛି ଦିନ ପରେ ଦିଆଯିବ ବୋଲି କହିଥିଲେ । କିନ୍ତୁ ଗତକାଲି ମନୋଜ କାମ କରିବା ପରେ ଅସୁସ୍ଥ ଅନୁଭବ କରିଥିଲେ । ସାଥି ମାନେ ଏନେଇ ମାଲିକଙ୍କୁ ମଧ୍ୟ ଖବର ଦେଇଥିଲେ । କିନ୍ତୁ ମାଲିକ କୌଣସି ଗୁରୁତ୍ୱ ଦେଇନଥିଲେ । ଶେଷରେ ଗ୍ରାମରୁ ମନୋଜଙ୍କ ଭାଇ ତୁକାରାମ ହିଆଲ ମାଲିକ ଏଙ୍କେଟେସଙ୍କୁ ଫୋନ କରି ଭାଇର ଦେହ ଖରାପ ଥିବା କହି ଡାକ୍ତରଖାନା ନେବାକୁ କହିଥିଲେ । ଶେଷରେ ଗତରାତ୍ରୀରେ ଡାକ୍ତରଖାନାକୁ ନେବା ବେଳକୁ ତାଙ୍କର ମୃତ୍ୟୁ ହୋଇ ସାରିଥିଲା । ଏନେଇ ମନୋଜଙ୍କ ଭାଇ ତୁକାରାମ ହିଆଲ ମାଲିକ ଏଙ୍କେଟେସଙ୍କ ବିରୁଦ୍ଧରେ ଖଡିଆଳ ଥାନାରେ ଲିଖିତ ଅଭିଯୋଗ କରିଥିବା ଜଣାପଡିଛି । ଏଠାରେ ସୂଚନା ଯୋଗ୍ୟ ଯେ ନୂଆପଡା ଜିଲାରେ ଦାଦନ ସମସ୍ୟାର ଅନ୍ତ ଘଟୁନାହିଁ । ଜିଲାର ପ୍ରତି ପ୍ରାନ୍ତରୁ ଦାଦନ ସମସ୍ୟା ଦେଖାଦେଇଛି । ଏଠାକାର ଶ୍ରମିକ ଦାଦନ ଖଟିଯାଇ ଅନେକ ସମୟରେ ଅକଥନୀୟ ନିର୍ଯ୍ୟାତନା ଭୋଗ କରୁଥିବା ସ୍ଥଳେ ଦାଦନ ସମସ୍ୟାର ସମସ୍ୟାର ସମାଧାନ ହୋଇ ପାରୁନାହିଁ । ସରକାର ଦାଦନ ରୋକିବା ସକାଶେ ଅନେକ ଯୋଜନା କାର୍ଯ୍ୟକାରୀ କରିଥିବା ସ୍ଥଳେ ତାର ସମାଧାନ ହୋଇ ପାରୁନାହିଁ । ଫଳରେ ଏଠାକାର ଲୋକେ ଅଧିକ ଅର୍ଥ ଲାଳସାରେ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଇ ଅକାରଣରେ ସେମାନଙ୍କ ଜୀବନ ଚାଲି ଯାଉଥିବା ଭଳି ଘଟଣା ଅନେକ ସମୟରେ ଘଟୁଅଛି । ଜିଲ୍ଲା ପ୍ରଶାସନ ସହ ରାଜ୍ୟ ସରକାର ତୁରନ୍ତ ଦୃଷ୍ଟି ଦେଇ ଦାଦନ ସମସ୍ୟାର ସମାଧାନ କରିବାକୁ ସାଧାରଣରେ ଦାବୀ ହେଉଛି ।

# ରାଜ୍ୟସ୍ତରୀୟ ଅକ୍ଷି ମୁଠି ଅନୁକୂଳ ଓ କୃଷକ ଦିବସ ସମାରୋହ

ଧର୍ମଶାଳା,(ପିଏନ୍): ଓଡିଶା ପ୍ରଦେଶ କଂଗ୍ରେସ କିଶାନ ସେଲ ପକ୍ଷରୁ ରାଜ୍ୟସ୍ତରୀୟ ଅକ୍ଷି ମୁଠି ଅନୁକୂଳ ଓ କୃଷକ ଦିବସ ସମାରୋହ ଅନୁଷ୍ଠିତ ହୋଇଯାଇଛି । ଧର୍ମଶାଳା ବ୍ଲକ ଚୋରମୁହାଁ ପଂଚାୟତ ନରସିଂହପୁର ଠାରେ ଅନୁଷ୍ଠିତ ଉତ୍ସବରେ ପ୍ରଦେଶ କିଶାନ କଂଗ୍ରେସ ସେଲର ଅଧ୍ୟକ୍ଷ ଅମୀୟ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅକ୍ଷି ମୁଠି ଅନୁକୂଳ କରିଥିଲେ । ଧର୍ମଶାଳା ବ୍ଲକ କଂଗ୍ରେସ କମିଟି ସଭାପତି କିଶାନ ପଣ୍ଡାଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଥମେ ପାରମ୍ପରିକ ରୀତିନୀତିରେ ପୂଜାର୍ଚ୍ଚନା କରାଯାଇଥିଲା । ପରେ ଏକ ଶୋଭାଯାତ୍ରାରେ ଶତାଧିକ ଚାଷୀ ଓ କଂଗ୍ରେସ କର୍ମୀ ଚାଷ କ୍ଷେତରେ ପହଂଚିଥିଲେ । ସେଠାରେ ପୂଜାର୍ଚ୍ଚନା ସହ ହୋମଯଜ୍ଞ କରାଯିବା ପରେ ଅକ୍ଷି ମୁଠି ଅନୁକୂଳ କରାଯାଇଥିଲା । ଏହି ଅବସରରେ ସ୍ଥାନୀୟ ଅଂଚଳର ଅଗ୍ରଣୀ ଚାଷୀ ନିତ୍ୟାନନ୍ଦ ଦାସ, ପର୍ଶୁରାମ ବିଶ୍ୱାଳ, ମୋହନ ବିଶ୍ୱାଳ, ବିକଳ ମଳିକ, ମୁକୁନ୍ଦ ମଳିକ, ଅନନ୍ତ ରାଉତ, ରମେଶ ରାଉତ, ନିଳମଣି ସ୍ୱାଇଁ, ବାବାଜି ରାଉତ, କାଶୀନାଥ ରାଉତ,ଗୋକୁଳି ରାଉତ, ଅଚ୍ୟୁତାନନ୍ଦ ପରିଡା, ନାରାୟଣ ବରାଳ ପ୍ରମୁଖଙ୍କୁ କିଶାନ କଂଗ୍ରେସ ପପକ୍ଷରୁ ସମ୍ମାନୀତ କରାଯାଇଥିଲା । ଅକ୍ଷିମୁଠି ଅନୁକୂଳ ପରେ ଅଧ୍ୟକ୍ଷ ଶ୍ରୀ ପଟ୍ଟନାୟକ ଚାଷୀ ମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ଚାଷୀମାନଙ୍କୁ ରିହାତି ମୂଲ୍ୟରେ ବିହନ, ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧି, ପ୍ରତ୍ୟେକ ଚାଷୀଙ୍କୁ ୩ହଜାର ଟଙ୍କା ପେନସନ, ଜଳସେଚନର ସୁବିଧା ସହ କୃଷି ଇନପୁଟ ସହାୟତା ଯୋଗାଇଦେବାକୁ ଦାବି କରିଥିଲେ । ଏହି କାର୍ଯ୍ୟକ୍ରମକୁ କୃଷକ ନେତା ବସନ୍ତ ପରିଡା, ଲୋକନାଥ ପଲେଇ,ଜିଲ୍ଲା କୃଷକ ସେଲ ସଭପତି ଅକ୍ଷୟ ସ୍ୱାଇଁ, ପ୍ରଫୁଲ୍ଲ କୁମାର ରାୟ, ଦୀପକ କୁମାର ବଳ, କାର୍ତିକ ସାହୁ, ଦେବାଶିଷ ପରିଡ.ନରୋତମ ନାୟକ, ନକୁଳ ଜେନା, ସମରେନ୍ଦ୍ର ସାମଲ,ସୁଦାମ ରାଉତ,ନାରାୟଣ ରାଉତ,ନୀଳମଣି ମହାନ୍ତି, ବିପ୍ର ତ୍ରିପାଠୀ, ପ୍ରମୋଦ ମହାନ୍ତି, ଅର୍ଜୁନ ସେଠୀ ପ୍ରମୁଖ ଚାଷୀ ପରିଚାଳନା କରିଥିଲେ ।

# ଶିକ୍ଷକଙ୍କ ଅବସର କାଳୀନ ସମ୍ବର୍ଦ୍ଧନା

ଧର୍ମଶାଳା, (ପିଏନ୍): ଧର୍ମଶାଳା ବ୍ଲକ ମୁରାରୀପୁର ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ମଦନ ମୋହନ ବିଶ୍ୱାଳଙ୍କ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଭିକାରୀ ଚରଣ ସାମଲ ସାଭାପତିତ୍ୱରେ ଆୟୋଜିତ ସଭାରେ ମୁକ୍ୟ ଅତିଥି ଭାବେ କୁମାରୀ କ୍ଲଷ୍ଟର ସିଆରସିସି ସୁଶାନ୍ତ କୁମାର ଦଳାଇ,ମୁଖ୍ୟବକ୍ତା ଭାବେ ପରିଚାଳନା କମିଟି ସଭାପତି ରବିନ୍ଦ୍ର ନାଥ ସେଠୀ ଓ ସମ୍ମାନିତ ଅତିଥି ଭାବେ ଉପସଭାପତି ଉର୍ମିଳା ବେହେରା ଯୋଗଦେଇ ବିଦାୟୀ ଶିକ୍ଷକଙ୍କ କାର୍ଯ୍ୟଦକ୍ଷତା, ସମାୟନୁବର୍ତିତା ଓ ଶିକ୍ଷାଦାନ ସମ୍ପର୍କରେ ଆଲୋକପାତ କରିବା ସହ ବିଦାୟୀ ଶିକ୍ଷକ ଶ୍ରୀ ବିଶ୍ୱାଳଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ । ପରିଚାଳନା କମିଟିର ସମସ୍ତ ସଭ୍ୟ/ସଭ୍ୟା, ଶିକ୍ଷକ/ଶିକ୍ଷୟତ୍ରୀ ଓ ସମସ୍ତ ଛାତ୍ରଛାତ୍ରୀ ଉପସ୍ଥିତ ରହି ବିଦାୟୀ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା ଜଣାଇଥିଲେ । ଅନ୍ୟତମ ସହକାରୀ ଶିକ୍ଷକ କ୍ଷେତ୍ରବାସୀ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ ।

# ସୃଜନ ସମୀକ୍ଷା ପୁସ୍ତକ ଉନ୍ମୋଚନ ଓ ଆଲୋଚନା ସଭା

ଧର୍ମଶାଳା, (ପିଏନ୍): ଧର୍ମଶାଳା ବ୍ଲକ ଶାନ୍ତି ବଜାରସ୍ଥିତ ସମ୍ରାଟ ମଣ୍ଡପଠାରେ କବି ଡ. ରାଜକିଶୋର ପଢୀଙ୍କ ସାହିତ୍ୟକୃତି ଓ ଜୀବନୀ ଉପରେ ଆଧାରିତ ସୃଜନ ସମିକ୍ଷା ପୁସ୍ତକ ଆଜି ଲୋକାର୍ପଣ କରାଯାଇଛି । ଏହି ଅବସରରେ ଓଡିଆ ସମାଲୋଚନା ସାହିତ୍ୟର ନୂଆକାଶନ୍ତ ଶୀର୍ଷକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା । ଆୟୋଜିତ ଏହି କାର୍ଯ୍ୟକ୍ରମରେ ଓଡିଶା ସାହିତ୍ୟ ଏକାଡେମୀ ଉପସଭାପତି ଡ. ସଂଗ୍ରାମ ଜେନା ସଭାପତିତ୍ୱ କରିଥିଲେ । ମୁଖ୍ୟଅତିଥି ଭାବେ ଶାନ୍ତିନିକେତନର ଅବସରପ୍ରାପ୍ତ ପ୍ରଫେସରଡ. ବୈଷ୍ଣବ ଚରଣ ସାମଲ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୁର୍ବକ କାର୍ଯ୍ୟକ୍ରମକୁ ଉଦଘାଟନ କରି କହିଲେ ଯେ ସମାଲୋଚକ ସୃଷ୍ଟିକୁ ଚିହ୍ନେ ଓ ଶ୍ରଷ୍ଟାକୁ ଚିହ୍ନାଏ । ମୁଖ୍ୟବକ୍ତା ଭାବେ ପ୍ରଫେସର ଡ. ବେଣୁଧର ପାଢୀ ଯୋଗଦେଇ ସମାଲୋଚକର ଦୃଷ୍ଟି ଅର୍ଜୁନର ତୀର ଭଳି ପାଠକଙ୍କ ଆଗରେ ଉପସ୍ଥାପିତ କରେ ବୋଲି ମତବ୍ୟକ୍ତ କରିଥିଲେ । ଏହି କାର୍ଯ୍ୟକ୍ରମରେ ସୃଜନ ସମୀକ୍ଷାର ସମ୍ପାଦକ ମହେଶ୍ୱର ପାଢୀ ପୁସ୍ତକ ସମ୍ପର୍କରେ ଆଲୋଚନା କରି ସ୍ୱାଗତ ଜଣାଇଥିଲେ । କବୟତ୍ରୀ ପଦ୍ମଜା ଶରଣ ଅତିଥି ପରିଚୟ ପ୍ରଦାନ କରିଥିଲା ବେଳେ କବୟିତ୍ରୀ ପ୍ରେମଲତା ମହାରଣା ମଂଚ ପରିଚାଳନା କରିଥିଲେ । କବି ଡ. ରାଜକିଶୋର ପାଢୀ ନିଜସ୍ୱ ଢଙ୍ଗରେ ତାଙ୍କର ଜୀବନ ଚାଲିବା ପଥ ଓ ସାହିତ୍ୟ ରଚନା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ଅଧ୍ୟାପିକା ବୀଣା ମିଶ୍ର ଅତିଥିମାନଙ୍କୁ ଅଙ୍ଗବସ୍ତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ । ଶେଷରେ ଡ. ବିଧୁଭୁଷଣ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

# ଇଦ୍ ଉଲ ଫିତର ପର୍ବ ପାଳିତ

ଧର୍ମଶାଳା, (ପିଏନ୍): ଧର୍ମଶାଳା ବ୍ଲକର ବିଭିନ୍ନ ସ୍ଥାନରେ ମୁସଲମାନ ସଂପ୍ରଦାୟର ବଡ ପର୍ବ ଇଦୁଲ ଫିତର ଆନନ୍ଦ ଉଲ୍ଲାସରେ ପାଳିତ ହୋଇଯାଇଛି । ରମଜାନ ମାସରେ ଏକ ମାସ ଧରି ଉପବାସ କରିବା ପରେ ଆଜି ଇଦ ପର୍ବ ପାଳନ କରାଯାଇଛି । ଆଜି ସକାଳୁ ମୁସଲମାନ ଭାଇମାନେ ସ୍ନାନ କରି ନୂତନ ବସ୍ତ୍ର ପରିଧାନ କରି ଇଦଗାହା ଓ ମସଜିଦରେ ଏକତ୍ରିତ ହୋଇ ସମୁହ ନମାଜ ପାଠ କରିଥିଲେ । ସମୁହ ନମାଜ ପାଠ ପରେ ପରସ୍ପରକୁ ଆଲିଙ୍ଗନ ପୁର୍ବକ ଇଦ ମୁବାରକ ଜଣାଇଥିଲେ । ଧର୍ମଶାଳା ବ୍ଲକର ଚୋରମୁହାଁ ଇଦଗାହା,ଧର୍ମଶାଳା ମସଜିଦ, ଚହଟା ମସଜିଦ, ବଡମଙ୍ଗଳପୁର ମସଜିଦ, ନେଉଳପୁର ଇଦଗାହା, ମସଜିଦ, କାଏମାସ୍ଥିତ ମସଜିଦରେ ଆଜି ସମୁହ ନମାଜପାଠ କରାଯାଇଥିଲା । କରୋନା ମଟକଣା ଯୋଗୁଁ ଦୁଇ ବର୍ଷ ହେଲା ଇଦ ପର୍ବରେ ସମୁହ ନମାଜ ପାଠ ବନ୍ଦ ରହିଥିଲା ବେଳେ ଚଳିତ ବର୍ଷ କରୋନା କଟକଣା ହଟିଥିବାରୁ ସମୁହ ନମାଜ ପାଠ ହୋଇଥିଲା । ଯାହାକୁ ନେଇ ମୁସମାଲ ଭାଇମାନଙ୍କ ମଧ୍ୟରେ ଉତ୍ସାହ ରହିଥିବା ଦେଖିବାକୁ ମିଳିଥିଲା । ଆଇନଶୃଙ୍ଖଳାକୁ ଦୃଷ୍ଟିରେ ରଖି ବିଭିନ୍ନ ଇଦଗାହା ଓ ମସଜିଦରେ ପୁଲିସ ମୁତୟନ କରାଯାଇଥିଲା ।

# ନିରୁଦ୍ଧିଷ୍ଟ ଶ୍ରମିକଙ୍କୁ ଉଦ୍ଧାର ଦାବୀରେ ଦଳିତ ଅଧିକାର ମଂଚର ଥାନାଧିକାରୀଙ୍କୁ ଦାବୀପତ୍ର ପ୍ରଦାନ

ନୂଆପଡା, (ପିଏନ)- ନୂଆପଡା ଜିଲ୍ଲା ଦଳିତ ଅଧିକାର ମଂଚ ପକ୍ଷରୁ ନିରୁଦ୍ଧିଷ୍ଟ ଦାଦନ ଶ୍ରମିକ କିଶୋର ବନଛୋରଙ୍କୁ ଉଦ୍ଧାର ଦାବୀରେ ବୋଡେନ ଥାନାଧିକାରୀଙ୍କୁ ୫ ଦଫା ଦାବୀପତ୍ର ପ୍ରଦାନ କରାଯାଇ ତାଙ୍କୁ ଉଦ୍ଧାର କରିବାକୁ ଦାବୀ କରିଛନ୍ତି । ସୂଚନାମତେ ବୋଡେନ ଥାନା ଅନ୍ତର୍ଗତ ଆମଗୁଡା ଗ୍ରାମର କିଶୋର ବନଛୋର ୨୦୧୯ ମସିହା ମାର୍ଚ୍ଚ ମାସରେ ସିକନ୍ଦରାବାଦକୁ ଦାଦନ ଖଟିବାକୁ ଯାଇଥିଲେ । ତାଙ୍କୁ ସ୍ଥାନୀୟ ବିନୋପୁର ଗ୍ରାମର ଅରୁପ ନିଆଲ ଏବଂ କଂଟାବାଞ୍ଜିର ପାର୍ଥବ ବେହେରା ପଠାଇଥିବା ନେଇ କିଶୋରଙ୍କ ପତ୍ନୀ କୁଳ ବନଛୋର ଜଣାଇଛନ୍ତି । ଏନେଇ ଗତ ୨୧.୮.୨୦୨୦ ରେ କୁଳ ବନଛୋର ତାଙ୍କ ସ୍ୱାମୀ ନିଖୋଜ ଥିବା ନେଇ ବୋଡେନ ଥାନାରେ ଲିଖିତ ଅଭିଯୋଗ କରି ତାଙ୍କ ସ୍ୱାମୀଙ୍କୁ ଉଦ୍ଧାର କରିବାକୁ ଦାବୀ କରିଥିଲେ । ହେଲେ ପୁଲିସ କୌଣସି କାର୍ଯ୍ୟାନୁଷ୍ଠାନ ନେଇନଥିବା ଜଣାପଡିଛି । ଏନେଇ ନୂଆପଡା ଜିଲ୍ଲା ଦଳିତ ଅଧିକାର ମଂଚର ସଭାପତି କମଳ ଚରଣ ତାଣ୍ଡି ଖବର ପାଇ ମଂଚର କର୍ମକର୍ତା ବୋଡେନ ଥାନାଧିକାରୀଙ୍କୁ ଭେଟି ୫ ଦଫା ଦାବୀପତ୍ର ପ୍ରଦାନ କରି ତୁରନ୍ତ କିଶୋରଙ୍କୁ ଉଦ୍ଧାର କରିବାକୁ ଦାବୀ କରିଛନ୍ତି । ଦାବୀରେ କୁଳ ବନଛୋରଙ୍କ ଏତଲା ଆଧାରରେ ଅରୁପ ନିଆଲ ଓ ପାର୍ଥ ବେହେରାଙ୍କୁ ଥାନାକୁ ଡାକି ସତ୍ୟାସତ୍ୟ ଅନୁସନ୍ଧାନ କରିବା, ଏହି ୨ ଜଣ ସନ୍ତୋଷଜନକ ଉତର ନଦେଲେ ସେମାନଙ୍କୁ ଗିରଫ କରିବା, ପୀଡିତ ପରିବାରଙ୍କୁ ୩ ଲକ୍ଷ ଟଙ୍କା ଆର୍ଥୀକ ସହାୟତା ପ୍ରଦାନ କରିବା, କିଶୋରଙ୍କ ସନ୍ଧାନ ନିମନ୍ତେ ଏକ ତଦନ୍ତକାରୀ ଟିମ ଗଠନ କରିବା, ପ୍ରଶାସନ ତରଫରୁ ପରିବାରଙ୍କୁ ରାସନ ସାମଗ୍ରୀ ପ୍ରଦାନ ପ୍ରମୁଖ ଦାବୀ କରିଛନ୍ତି । ଯଦି ଏସବୁ ସମସ୍ୟାର ସମାଧାନ କରାନଯାଏ ତେବେ ଆଗାମୀ ଦିନରେ ବୋଡେନ ଥାନାକୁ ଘେରାଉ କରିବା ସହ ଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି । ଏହି ଦାବୀପତ୍ର ପ୍ରଦାନ ବେଳେ ଦଳିତ ଅଧିକାର ମଂଚର ଜିଲ୍ଲା ସଭାପତିଙ୍କ ସହ ବୋଡେନ ବ୍ଲକ ସଭାପତି ବେଣୁଧର ଜଗତ, ବିଶ୍ୱ ବେହେରା, କାର୍ତିକ ମହାନନ୍ଦ, ଗଣେଷ ବାଗ, ସଞ୍ଜୟ ଜାଲ, ଲମ୍ବୋଦର ତାଣ୍ଡି ପ୍ରମୁଖ ଯୋଗ ଦେଇଥିଲେ ।

# ଖାସବାହାଲ ସରପଂଚଙ୍କ କରୋନା ସଚେତନତା

ନୂଆପଡା, (ପିଏନ)- ନୂଆପଡା ଜିଲ୍ଲା ଖଡିଆଳ ବ୍ଲକ ଖାସବାହାଲ ପଂଚାୟତରେ କରୋନା ସଚେତନତା ଅଭିଯାନ ଜାରି ରହିଛି । ସରପଂଚ ଯମୁନା ବାଗଙ୍କ ନେତୃତ୍ୱରେ ଆଶାକର୍ମୀ, ଅଙ୍ଗନୱାଡିକର୍ମୀ, ଜନ ପ୍ରତିନିଧି, ଏଏନଏମ, ସିଏଲଏଫ କର୍ମକର୍ତା ସମେତ ଗ୍ରାମର ମାଁ ମାନେ ସାମିଲ ରହି ଘରକୁ ଘର ବୁଲି ସଚେତନତା ସୃଷ୍ଟି କରୁଛନ୍ତି । ଦେଶରେ କରୋନା ମହାମାରୀ ରୂପ ଧାରଣ କରି ଗ୍ରାସ କରି ଆସୁଥିବା ବେଳେ କିଛିକାଂଶରେ ଲୋକଙ୍କ ଖାମଖିଆଲି ମନୋଭାବ ଦୂରେଇ ଯାଇନାହିଁ । ତେଣୁ ଘର ଘର ବୁଲି ନାମ ତାଲିକା ପ୍ରସ୍ତୁତ କରି ଆସନ୍ତା ଦିନରେ ସଂଖ୍ୟାଧିକ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବାର ଲକ୍ଷ୍ୟ ରଖାଯାଇଛି । ଏହି ସଚେତନତା ଅଭିଯୋନରେ ସମାଜସେବୀ ପ୍ରେମଲାଲ ବାଗ ସକ୍ରୀୟ ଅଂଶ ଗ୍ରହଣ କରିଥିବା ବେଳେ ଆଶାଦିଦି ସୌଦାମିନୀ ହଂସ, କୁମାରୀ ଶବର, ଡାଳିମ୍ବ ବାଗ, ଅଙ୍ଗନୱାଡି କର୍ମୀ କୁନ୍ତଳା ଶବର, କମଳିନୀ ପଟେଲ, ଜିପିଏଲଏଫ ସଭାନେତ୍ରୀ ପ୍ରମିଳା ଶବର, ୱାର୍ଡସଭ୍ୟା ରକ୍ମଣୀ ଟାହାଣୀ, ସାବେତ୍ରୀ ଶବରଙ୍କ ସମେତ ଅନ୍ୟାନ୍ୟ ମହିଳା ସାମିଲ ଅଛନ୍ତି ।

# କେନ୍ଦ୍ରାପଡାରେ ଜିଲ୍ଲା ସ୍ତରୀୟ ବ୍ୟାଙ୍କ ପରାମର୍ଶ ଦାତା କମିଟି ବୈଠକ

କେନ୍ଦ୍ରାପଡ଼ା, (ପିଏନ)- କେନ୍ଦ୍ରାପଡା ଜିଲ୍ଲା ସ୍ତରୀୟ ସମସ୍ତ ବ୍ୟାଙ୍କ ପରାମର୍ଶ ଦାତା କମିଟି ବୈଠକ ଅତିରିକ୍ତ ଜିଲ୍ଲାପାଳ ବସନ୍ତ କୁମାର ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଶୁକ୍ରବାର ଦିନ ଅନୁଷ୍ଠିତ ଏହି ବୈଠକରେ କେନ୍ଦ୍ରାପଡା ଜିଲ୍ଲାରେ ଗ୍ରାମୀଣ ଆତ୍ମ ନିଯୁକ୍ତି ପ୍ରଶିକ୍ଷଣ ଉପରେ ଗୁରୁତ୍ୱାରୋପ କରା ଯାଇଥିଲା । ସରକାର ଙ୍କର ସମସ୍ତ ଯୋଯନାକୁ କାର୍ଯ୍ୟକାରୀ କରିବା ପାଇଁ ଏହି ବୈଠକରେ ଗୁରୁତ୍ୱ ଦିଆ ଯାଇଥିଲା । ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ଋଣ ପ୍ରଦାନ ଶିକ୍ଷିତ ବେକାର ଯୁବକ ଯୁବତୀଙ୍କୁ ଋଣ ପ୍ରଦାନ ଓ ଚାଷୀଙ୍କୁ ଋଣ ପ୍ରଦାନ କୁ ନେଇ ଏହି ବୈଠକରେ ଆଲୋଚନା ହୋଇଥିଲା । ପୂର୍ବରୁ ଏହି କମିଟିକୁ ନେଇ ଅନୁଷ୍ଠିତ ହୋଇଥିବା ବୈଠକର କାର୍ଯ୍ୟକାରିତା ଉପରେ ଅଲୋଚନା କରାଯାଇଥିଲା । ପରେ ଗ୍ରାମୀଣ ଆତ୍ମ ନିଯୁକ୍ତି ପାଇଁ ପ୍ରଶିକ୍ଷଣ ଗ୍ରହଣ କରିଥିବା ବ୍ୟକ୍ତିଙ୍କ ଅଗ୍ରଗତି ସଂପର୍କରେ ଆଲୋଚନା କରାଯିବା ସହ ଏହି ପ୍ରଶିକ୍ଷାର୍ଥୀ ମାନଙ୍କୁ ଡିଆର ଡିଏ, ଓ ଏଲ ଏମ, ଅର ଏସ ଇ ଟିଆଇ , ଓ ଏନଜିଓ ମାନଙ୍କ ଦ୍ୱାରା କେଉଁ ପରିମାଣରେ ପ୍ରୋତ୍ସାହନ ଦିଆ ଯାଇଛି, ତାହା ମଧ ଅଲୋଚନା କରାଯାଇଥିଲା । ଏଥି ସହିତ ଏହି ପ୍ରଶିକ୍ଷାର୍ଥୀ ମାନଙ୍କୁ ଆତ୍ମ ନିଯୁକ୍ତି ପାଇଁ କିଭଳି ଋଣ ପ୍ରଦାନ କରିବ ସେ ବିଷୟରେ ବିଶେଷକରି ଆଲୋଚନା କରା ଯାଇଥିଲା । ଏହି ବୈଠକରେ ଏଲଡି ଏମ ଏମ କେ ମିତ୍ର, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ବିଜି ମହାନ୍ତି, ଜିଲ୍ଲା ନାବାର୍ଡ ଅଧିକାରୀ ଅକ୍ଷୟ କୁମାର ଆଚାର୍ଯ୍ୟ , ଜି ଏମ ଡିଆସି ସନ୍ତୋଷ କୁମାର ମିଶ୍ର ଙ୍କ ସହିତ ସମସ୍ତ ବ୍ୟାଙ୍କର ମ୍ୟାନେଜର ଙ୍କ ସହ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ ।

# ରଙ୍ଗତୂଳି କଳାକାର ସଂଘର ସାଧାରଣ ପରିଷଦ ବୈଠକ

କନ୍ଧମାଳ,(ପିଏନ)- କନ୍ଧମାଳ ଜିଲା କ.ନୂଆଗାଁ ବ୍ଲକ ଅନ୍ତର୍ଗତ ସିର୍ତିଗୁଡା ଠାରେ ଜିଲା ରଙ୍ଗତୁଳି କଳାକାର ସଂଘର ଏକ ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲାର ବିଭିନ୍ନ ବ୍ଲକର ରଙ୍ଗତୁଳି କଳାକାର ମାନେ ଯୋଗଦେଇଥିଲେ । ଅନୁଷ୍ଠିତ ସାଧାରଣ ପରିଷଦ ବୈଠକରେ କରୋନା ସଂକ୍ରମଣର କଟକଣା ଯୋଗୁଁ କିଭଳି ଭାବେ ରୋଜଗାର ପାଇଁ ସମସ୍ୟାରେ ପଡୁଛନ୍ତି ସେ ସଂପର୍କରେ ଆଲେଚାନା କରାଯାଇଥିଲା । ସଭା ପରେ ପରେ ଜିଲା ସ୍ତରୀୟ କର୍ମକର୍ତା ଚୟନ କରାଯାଇଥିଲା । ସଭାପତି ଭାବେ ପ୍ରମୋଦ ଦଣ୍ଡିଆ ମନୋନୀତ ହୋଇଥିବା ବେଳେ ସଂପାଦକ ଭାବେ ଗୋବିନ୍ଦ ଭୁକ୍ତା , ଉସ-ଭାତି ଭାବେ ମିଥୁନ୍ ପ୍ରଧାନୀ, ସହ ସଂପଦାକ ଭାବେ ଜଗତସିଂ ପାତ୍ର ଓ କୋଷାଧ୍ୟକ୍ଷ ଭାବେ ସୁନିଲ୍ ବିନ୍ଧାଣୀ ମନୋନିତ ହୋଇଛନ୍ତି । ଏଥି ସହିତ କାର୍ଯ୍ୟକାରି ସଭ୍ୟ ଭାବେ ଅଶ୍ୱିନୀ କୁମାର ବିଷୋୟୀ , ବିଷ୍ଣୁ ଚରଣ ବେହେରା , ସୁନିଲ୍ ନାୟକ , ଶ୍ରୀକାନ୍ତ ପ୍ରଧାନୀ , ଲକ୍ଷ୍ମୀଣ ପ୍ରଧାନ ପ୍ରମୁଖ ମନୋନିତ ହୋଇଛନ୍ତି । କରୋନା କଟକଣା ଯୋଗୁଁ ବର୍ତମାନ କଳାକାର ମାନଙ୍କର ରୋଜଗାର ପନ୍ଥା ସଂପୂର୍ଣ୍ଣଭାବେ ବନ୍ଦ ହୋଇଯାଇଥିବା ବେଳେ ଅନେକ କଳାକାର ଜୀବିକା ହରାଇବା ସହିତ ପରବାର ପ୍ରତିପୋଷଣ କରିବା ସମସ୍ୟା ସୃଷ୍ଟି ହୋଇଛି । ଜିଲାରେ ପ୍ରାୟ ୨ ହଜାରରୁ ଉର୍ଦ୍ଧ ରଙ୍ଗତୁଳି କାଳାକାର ଥିବା ବେଳେ ଆଜି ପର୍ଯ୍ୟନ୍ତ ସରକାର ଏହି କଳାକାର ମାନଙ୍କ ପାଇଁ କୌଣସି ପ୍ରକାର ପଦକ୍ଷେପ ଗ୍ରହଣ କରିନାହାନ୍ତି । ସେମାନଙ୍କର ଏହି ଆର୍ଥିକ ଅନାଟନ ବେଳେ ସେମାନଙ୍କୁ ଜିଲା ପ୍ରଶାସନ କାମ ଯୋଗାଇ ଦେବା ପାଇଁ ଦାବୀ କରାଯିବା ସମ୍ପର୍କରେ ବୈଠକରେ ନିଷ୍ପତି ନିଆଯାଇଥିଲା ।

# ମାଟି ବୋଝେଇ ଟ୍ରାକ୍ଟର ଜବତ୍ ପରେ ବନ ବିଭାଗ ଦେଖାଇଲା ନେଲୁଙ୍ଗ ସଂରକ୍ଷିତ ଜଙ୍ଗଲ ଘଟଣାର ତଦନ୍ତ ଦାବୀ



କେନ୍ଦୁଝର(ପିଏନ)-କେନ୍ଦୁଝର ସଦର ରେଞ୍ଜ ଟାଉନ ସେକ୍ସନ ଅନ୍ତର୍ଗତ ବେଲଦା ସଂରକ୍ଷିତ ଜଙ୍ଗଲର ମହାଦେଇପୁରଠାରେ ବନ ବିଭାଗ ଗତକାଲି ମାଟି ବୋଝେଇ ଏକ ଟ୍ରାକ୍ଟର ଜବତ୍ କରିଛି । ଜଙ୍ଗଲ ଭିତରେ ଓଆର୦୯କେ ୦୧୧୮ ନମ୍ବର ବିଶିଷ୍ଟ ଏକ ଟ୍ରାକ୍ଟର ମାଟି ଚାଲାଣ କରୁଥିବାବେଳେ ବନ ବିଭାଗ ଚଢଉ କରି ଟ୍ରାକ୍ଟର ଜବତ୍ କରିଥିଲା । ତେବେ ବନ ବିଭାଗ ଜବତ୍ ଗାଡିକୁ ବେଲଦା ସଂରକ୍ଷିତ ଜଙ୍ଗଲ ନଦେଖାଇ ନେଲୁଙ୍ଗ ସଂରକ୍ଷିତ ଜଙ୍ଗଲରୁ ଜବତ୍ ହେବା ଦର୍ଶାଇଥିବା ଜବତ୍ ଗାଡି ମାଲିକ ମହେଶ୍ୱର ନାୟକ କହିଛନ୍ତି । ତେବେ କେଉଁ ଉଦ୍ଦେଶ୍ୟରେ ଗୋଟିଏ ସ୍ଥାନରେ ଜବତ୍ ଗାଡି ଅନ୍ୟ ସ୍ଥାନରେ ଦେଖାଉଛି ତାହା ତଦନ୍ତ କରିବାକୁ ଦାବୀ ହୋଇଛି । ସୂଚନା ଯୋଗ୍ୟ ଯେ, ବେଲଦା ସଂରକ୍ଷିତ ଜଙ୍ଗଲର ବେଲଦା, କେନ୍ଦୁଆ, ଭାଲୁଘର, ପୋଟଳ, ମଥୁରାମଣ୍ଡଳୀ ଅଞ୍ଚଳରେ ଦିନ ରାତି ଅବାଧରେ ମାଟି,ମୋରମ ଏବଂ ପଥର ଚୋରୀ ହେଉଥିବାବେଳେ ବନ ବିଭାଗର ସ୍ଥାଣୁତା ଯୋଗୁଁ ଲଘୁ ଖଣିଜ ସମ୍ପଦ ଲୁଟ ସହ ଜଙ୍ଗଲ ନଷ୍ଟ ହେଉଛି । ବନ କର୍ମଚାରୀ ପେଟ୍ରୋଲିଂ କରୁନଥିବା ସୁଯୋଗରେ ମାଫିଆ ମାନେ ସ୍ଥାନୀୟ ଲୋକଙ୍କ ଅଳ୍ପ କିଛି ମଜୁରୀ ଦେଇ ସଂରକ୍ଷିତ ଜଙ୍ଗଲ ମଧ୍ୟରେ ଦୀର୍ଘ ଦିନ ଧରି ଚୋରୀ କରୁଥିଲେ ହେଁ ଧରପଗଡ କରାଯାଉନାହିଁ । ଜଙ୍ଗଲ ଭିତରେ ନିୟମିତ ଚୋରୀ ଯୋଗୁଁ ବଡ ବଡ ଗାତ ସୃଷ୍ଟି ହୋଇ ବନ୍ୟ ଜୀବଜନ୍ତୁଙ୍କ ପାଇଁ ବିପଦର କାରଣ ହୋଇଛି ।




2021-2022

ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com

Find us on
Facebook.com/Mps, Baripada

ଖେଳ



ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ
ପର୍ଯ୍ୟବେକ୍ଷକ
PARYABEKHYAK ପର୍ଯ୍ୟବେକ୍ଷକ



Bhubaneswar Wednesday May 04, 2022 ଭୁବନେଶ୍ୱର ବୁଧବାର, ମଇ ୦୪,୨୦୨୨ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com


# ମଦ ଦୋକାନୀଙ୍କ ଦାଦାଗିରି, ଗ୍ରାହକ ଓ ସରକାରଙ୍କୁ ଠକୁଛନ୍ତି ଦୋକାନୀ



ଗୋଳାବନ୍ଧ,(ପି.ଏନ):ଘଟଗାଁ ବ୍ଲକ ଢେଙ୍କିକୋଟ ଠାରେ ଏକ ଠିପି ବନ୍ଦ ମଦ ଦୋକାନ ଅଛି । ବିହାର ରାଜ୍ୟର ବେପାରୀ ଏହି ଦୋକାନର ମାଲିକ ହୋଇଥିବା ବେଳେ ସେ ଖୋଲାଖୋଲି ଭାବେ ଗ୍ରାହକଙ୍କୁ ଲୁଟୁଛନ୍ତି । ପ୍ରତ୍ୟେକ ବୋତଲ ପିଛା ୫୦ରୁ ୬୦ଟଙ୍କା ଏମ୍ଆରପିରୁ ଅଧିକ ଟଙ୍କା ନେଉଛନ୍ତି । ଯଦି କେହି ଗ୍ରାହକ ପ୍ରଶ୍ନ କରୁଛନ୍ତି ଯେ କାହିଁକି ଏତେ ଟଙ୍କା ଅଧିକା ନେଉଛନ୍ତି ବୋଲି ସେ ନାଲିଆଖି ଦେଖାଇବା ସହ ସିଧାସଳଖ ଧମକ ଦେଉଛନ୍ତି ଏବଂ ଜିଲ୍ଲାପାଳ ମଧ୍ୟ ତାଙ୍କର କିଛି କରିପାରିବେ ନାହିଁ ବୋଲି ଚେତାବନୀ ଦେଉଛନ୍ତି । ଏପରି ଧମକ ଶୁଣି ଗ୍ରାହକମାନେ ମଧ୍ୟ ଭୟରେ ଅଧିକ ଟଙ୍କା ଦେଇ ମଦ ଆଣୁଥିବା ଦେଖିବାକୁ ମିଳିଛି । ଏପରି ଭାବେ ଗ୍ରାହକଙ୍କୁ ଲୁଟିବା ସହ ସରକାରଙ୍କୁ ମଧ୍ୟ ଧୋକା ଦେଉଥିବାରୁ ଅନେକ ଗ୍ରାହକଙ୍କ ସମେତ ସାଧାରଣ ଜନତା ଅବକାରୀ ବିଭାଗରେ ଅଭିଯୋଗ କରିବାକୁ ନିଷ୍ପତ୍ତି ନେଇଥିବା ଜଣାପଡିଛି । ସୂଚନାଯୋଗ୍ୟ ଯେ ହୁଇସ୍କି, ରମ୍, ଭୋଡକା ଇତ୍ୟାଦି ମଦରେ ବୋତଲ ପ୍ରତି ୬୦ଟଙ୍କା, ୱାଇନ୍ ବୋଲତ ପ୍ରତି ୫୦ଟଙ୍କା ଓ ବିଅର ବୋତଲ ପ୍ରତି ୩୦ଟଙ୍କା ଅଧିକା ନେଉଛନ୍ତି । ଜଣେ ଗ୍ରାହକ ଶ୍ରୀନିବାସ ବାରିକଙ୍କ କହିବା ଅନୁସାରେ ସେ ଏପରି ଅଧିକ ଟଙ୍କା ନେବାକୁ ବିରୋଧ କରିବାରୁ ଦୋକାନୀ ତାଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହ ପେଲି ପେଲି ଦୋକାନରୁ ବିଦା କରିଦେଇଥିଲେ । ଅବକାରୀ ବିଭାଗ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

# କବି ଶ୍ରୀ ଜୟଦେବ ଜୟନ୍ତୀ ପାଳିତ

କେନ୍ଦୁଝର:(ପି.ଏନ): କେନ୍ଦୁଝର ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଓ ମିଳନୀ ସାହିତ୍ୟ ସଂସଦ ସହଯୋଗରେ ପବିତ୍ର ଅକ୍ଷୟ ତୃତୀୟା ତିଥିରେ ତା ୦୩.୦୫.୨୦୨୨ ରିଖ ମଂଗଳବାର ଦିନ ଗୀତଗୋବିନ୍ଦର ରଚୟିତା କବି ଶ୍ରୀ ଜୟଦେବଙ୍କ ଜୟନ୍ତୀ ମହାସମାରୋହରେ ଡି.ଆର.ଡି.ଏ. ସମ୍ମିଳନୀ କକ୍ଷ ଠାରେ ପାଳିତ ହୋଇଯାଇଛି । ଏହି ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅତିରିକ୍ତ ଜିଲ୍ଲାପାଳ ଯଦୁମଣି ମହଲା ସମାରୋହକୁ ଉଦ୍‌ଘାଟନ କରି ଉଦ୍‌ବୋଧନ ଛଳରେ ଭକ୍ତକବି ଶ୍ରୀ ଜୟଦେବଙ୍କୁ ଜଣେ ମହାନ୍ କବି ଭାବେ ବର୍ଣ୍ଣନା କରି ତାଙ୍କ ରଚିତ ଅମରକୃତି ଗୀତଗୋବିନ୍ଦ ସମଗ୍ର ବିଶ୍ୱ କାବ୍ୟ ସାହିତ୍ୟରେ ଯୁଗ ଯୁଗ ଧରି କାଳଜୟୀ ହୋଇ ରହିବ ବୋଲି ମତବ୍ୟକ୍ତ କରିଥିଲେ । ଶ୍ରୀ ଜୟଦେବ ଆମ ଓଡିଶାର ଗର୍ବ ଓ ଗୌରବ ବୋଲି କହିବା ସହିତ ଜୟଦେବଙ୍କ କୀର୍ତି ଓ କୃତୀ ସଂପର୍କରେ ସାହିତ୍ୟିକମାନେ ଅଧିକ ମନୋନିବେଶ କରିବାକୁ ଅତିରିକ୍ତ ଜିଲ୍ଲାପାଳ ଆହ୍ୱାନ ଜଣାଇଥିଲେ । ଭାଷଣ ପ୍ରସଂଗରେ ଶ୍ରୀ ମହଲା ଶ୍ରୀ ଜୟଦେବ ଏବଂ ତାଙ୍କର ଅମର ସୃଷ୍ଟି ଗୀତଗୋବିନ୍ଦର ବିଭିନ୍ନ ଦିଗ ଉପରେ ଆଲୋକପାତ କରି ଜୟଦେବ ଏବଂ ଗୀତଗୋବିନ୍ଦର ବ୍ୟାପକ ପ୍ରଚାର, ପ୍ରସାର ଓ ସଚେତନତା ସୃଷ୍ଟି ଉପରେ ଗୁରୁତ୍ୱାରୋପ କରିଥିଲେ ଏବଂ ଏ ଦିଗରେ ଗୁରୁତ୍ୱପୂର୍ଣ୍ଣ ନିଭାଇବାକୁ ସମସ୍ତେ ଆଗେଇ ଆସିବାକୁ ନିବେଦନ କରିଥିଲେ । ସମ୍ମାନିତ ଅତିଥିଭାବେ ମିଳନୀ ସାହିତ୍ୟ ସଂସଦର ସଭାପତି ଡ଼ଃ ବିମ୍ବାଧର ବେହେରାଙ୍କ ନିଜ ବକ୍ତବ୍ୟରେ ଶ୍ରୀ ଜୟଦେବଙ୍କୁ ରୂପ ସୌନ୍ଦର୍ଯ୍ୟର ଉପାସକ ଓ ଭକ୍ତିର ବାଙ୍ମୟ ସାଧକ ବୋଲି ଅଭିହିତ କରି ଗୀତଗୋବିନ୍ଦକୁ ପୃଥିବୀର ଏକ ଅନନ୍ୟ ଓ ଅନୁପମ ସୃଷ୍ଟି ବୋଲି କହିଥିଲେ । ଶ୍ରୀ ଜୟଦେବ ନିଜର କୃତୀ ଗୀତଗୋବିନ୍ଦରେ ରାଧାକୃଷ୍ଣଙ୍କ ମଧ୍ୟରେ ଥିବା ଅନାବିଳ ଅନନ୍ତ ପ୍ରେମ ଓ ଭକ୍ତିର ଏକ ଅପୂର୍ବ ସମନ୍ୱୟ ସୃଷ୍ଟି କରି ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପଦାରବିନ୍ଦରେ ନିଜକୁ ସମର୍ପଣ କରିଦେଇଥିଲେ ବୋଲି କହିବା ସହିତ ଶ୍ରୀ ଜୟଦେବଙ୍କ କୃତୀ ଚିରଦିନ ପାଇଁ ଅମର ରହିବ ବୋଲି କହିଥିଲେ । ମୁଖ୍ୟବକ୍ତା ଦେବାଶିଷ ଚକ୍ରବର୍ତୀ ନିଜ ବକ୍ତବ୍ୟରେ ଶ୍ରୀ ଜୟଦେବଙ୍କ ଜୀବନୀ ଓ ଗୀତଗୋବିନ୍ଦ ଉପରେ ଆଲୋକପାତ କରି ଶ୍ରୀ ଜୟଦେବଙ୍କୁ ଓଡିଶାର ବୋଲି କହିଥିଲେ ଏବଂ ଜୟଦେବଙ୍କ ସାରସ୍ୱତ କୀର୍ତି କିଭଳି ଓଡିଶାର ସାରସ୍ୱତ ଜଗତକୁ ପ୍ରଭାବିତ କରିଛି ତାହା ଅବତାରଣା କରିଥିଲେ । ଗୀତଗୋବିନ୍ଦ ଓଡିଆ ପ୍ରାଣପ୍ରବାହକୁ ଚଳ ଚଂଚଳ କରିଦିଏ । ଏହାର କମନୀୟ ପଦାବଳୀର ଅମୃତମୟ ରସାଶ୍ରୟୀ ବର୍ଣ୍ଣାଢ୍ୟ ବର୍ଣ୍ଣମାଳାରେ ସଜ୍ଜିତ । କାନ୍ତକୋମଳ ପଦ୍ୟମୟ ଶୈଳୀ ଶ୍ରୋତା ଓ ପାଠକକୁ ବିଭୋର କରିଦିଏ ବୋଲି କହିଥିଲେ । ଗୀତଗୋବିନ୍ଦ ସବୁବେଳେ ବିଶ୍ୱ ସାହିତ୍ୟ ଆକାଶକୁ ଅନୁରଣିତ କରୁଥିବ ବୋଲି ସେ କହିଥିଲେ । ଅନ୍ୟତମ ସମ୍ମାନିତ ଅତିଥି ମିଳନୀ ସାହିତ୍ୟ ସଂସଦର ସମ୍ପାଦକ ପ୍ରଧାପକ ଡଃ ଚିତ ମିଶ୍ର ଶ୍ରୀ ଜୟଦେବଙ୍କ ଗୀତଗୋବିନ୍ଦର ଗୀତିମୟତା ଉପରେ ଆଲେଖ୍ୟ ବାଢି ଅନାବିଳ ପ୍ରେମ ଓ ଭକ୍ତିର ଏକ ଅପୂର୍ବ ସମନ୍ୱୟ ସୃଷ୍ଟି କରି ସଂଗୀତକୁ ରସୋତୀର୍ଣ୍ଣ କରିବାରେ ମାଟିର ମହାକବି ଶ୍ରୀ ଜୟଦେବ ସିଦ୍ଧହସ୍ତ ଥିଲେ ବୋଲି କହିବା ସହିତ ଶ୍ରୀ ଜୟଦେବ କେବଳ ସଂଗୀତକାର ନୁହନ୍ତି, ପ୍ରୀତି ଓ ଭକ୍ତିର ଅମନ୍ଦ୍ୟ ମନ୍ଦାକିନୀ ଧାରା ବୁହାଇ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଚରଣାବିନ୍ଦରେ ନିଜକୁ ସମର୍ପଣ କରିଦେଇଥିଲେ । ଜିଲ୍ଲା ସଂସ୍କୃତି ଅଧିକାରୀ ସୁଶ୍ରୀ ମନସ୍ୱିନୀ ରାଉତ ଶ୍ରୀ ଜୟଦେବ ଜୟନ୍ତୀ ପୂଜ୍ୟ ପୂଜାର ଏକ ଅନନ୍ୟ ଧାରା ବୋଲି କହିବା ସହିତ ପ୍ରତିଟି ଓଡିଆ ଶ୍ରୀ ଜୟଦେବ ଏବଂ ଗୀତଗୋବିନ୍ଦ ପାଇଁ ଗର୍ବ ଅନୁଭବ କରିବା ଉଚିତ୍ ବୋଲି କହିଥିଲେ । ଏତଦ୍‌ବ୍ୟତୀତ ଗୀତଗୋବିନ୍ଦ କେବଳ ଏକ ଅନବଦ୍ୟ ସାରସ୍ୱତ ସୃଷ୍ଟି ନୁହେଁ ଏହା ତତ୍‌କାଳୀନ ଐତିହାସିକ, ଭୌଗଳିକ, ସାଂସ୍କୃତିକ, ସାମାଜିକ, ଅର୍ଥନୈତିକ ଓ ଧାର୍ମିକ ଚିନ୍ତାଧାରାର ବର୍ଣ୍ଣାଢ୍ୟ ଆଲେଖ୍ୟ ବୋଲି ସେ ଅବତାରଣା କରିଥିଲେ । ଉପନିର୍ଦ୍ଦେଶକ ସୂଚନା ଓ ଲୋକ ସଂପର୍କ, କେନ୍ଦୁଝର ସଂଜୀବ ବାରିକ ପ୍ରାରମ୍ଭରେ ସ୍ୱାଗତ ସମ୍ଭାଷଣ ପ୍ରଦାନ କରିବା ସହ କାର୍ଯ୍ୟକ୍ରମର ସଂଚାଳନା କରିଥିଲେ । ପ୍ରାରମ୍ଭରେ ପଣ୍ଡିତ ମଧୁସୂଦନ ମିଶ୍ର ଓ ପଣ୍ଡିତ ରଙ୍ଗାଧର ବେହେରା ଗୀତଗୋବିନ୍ଦର ଦ୍ୱଦଶାବତାରନ୍ତ ଆବୃତି କରିଥିଲେ । ଏତଦବ୍ୟତୀତ ଜିଲ୍ଲାର ମାନ୍ୟଗଣ୍ୟ କବିଙ୍କଦ୍ୱାରା ଶ୍ରୀ ଜୟଦେବଙ୍କ ଉପରେ ଆଧାରିତ କବିତା ଆବୃତି କରିଥିଲେ ।

## ରେକୁଟିଆ କଲେଜ ଅଧକ୍ଷ ଗୋଲଖ ବିହାରୀ ଆଚାର୍ଯ୍ୟାଙ୍କୁ ଅବସର କାଳୀନ ସମ୍ବର୍ଦ୍ଧନା

ଆନନ୍ଦପୁର: (ପି.ଏନ.):ଆନନ୍ଦପୁର ଉପଖଣ୍ଡ ରେକୁଟିଆ କୁଶଳେଶ୍ୱର ଆଂଚଳିକ ମହାବିଦ୍ୟାଳୟର ଅଧକ୍ଷ ଗୋଲଖ ବିହାରୀ ଆଚାର୍ଯ୍ୟଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା କଲେଜ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏହି ସମ୍ବର୍ଦ୍ଧନା ସଭାରେ କଲେଜର ସମସ୍ତ ଅଧ୍ୟାପକ, ଅଧ୍ୟାପିକା, ଛାତ୍ରଛାତ୍ରୀମାନେ ଉପସ୍ଥିତ ରହି ଅଧକ୍ଷ ଶ୍ରୀଯୁକ୍ତ ଆଚାର୍ଯ୍ୟଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଜଣାଇଥିଲେ । ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପୂର୍ବତନ ମନ୍ତ୍ରୀ ତଥା ବର୍ତ୍ତମାନର ଘଷିପୁରା ବିଧାୟକ ବଦ୍ରୀ ନାରାୟଣ ପାତ୍ର ଯୋଗ ଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବେ ସତ୍ୟବ୍ରତ ପତି, ମହେଶ୍ୱର ଜେନା, ସୁଧାକର ଜେନା, ଅମୂଲ୍ୟ ବିଶ୍ୱାଳ, ପୂର୍ଣ୍ଣଚନ୍ଦ୍ର ରାଉତ, କୃଷ୍ଣ ନାରାୟଣ ଚକ୍ର, ପ୍ରଭାତ ବାରିକ, ଯୁବନେତା ଦେବାଶିଷ ପାତ୍ର, ଆକାଶ ରଥ ପ୍ରମୁଖ ଯୋଗ ଦେଇଥିଲେ । ଅତିଥିଗଣ ଅବସର ନେଇଥିବା ଅଧକ୍ଷ ଗୋଲଖ ବିହାରୀ ଆଚାର୍ଯ୍ୟଙ୍କ ଚାକିରୀ କାଳ ମଧ୍ୟରେ ତାଙ୍କର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ, ନିଷ୍ଠାପର ଭାବେ କଲେଜ ପ୍ରତି ଭାବ, ଛାତ୍ରଛାତ୍ରୀଙ୍କୁ ସ୍ନେହ ଶ୍ରଦ୍ଧାରେ ଭଲ ପାଠ ପଢାଇବା ଆଦି ଅନେକ ଭଲ ଭଲ କାର୍ଯ୍ୟ କରିଥିବା ଅତିଥିମାନେ ଅଭିଭାଷଣ ପ୍ରଦାନ କରିଥିଲେ । ଏହି ଅବସରରେ ଶ୍ରୀଯୁକ୍ତ ଆଚାର୍ଯ୍ୟଙ୍କୁ ମାନପତ୍ର ସହ ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ ।

## ନବବଧୂଙ୍କ ସନ୍ଦେହ ଜନକ ମୃତ୍ୟୁ

ଆନନ୍ଦପୁର,(ପି.ଏନ): ଆନନ୍ଦପୁର ଉପଖଣ୍ଡ ଫକୀରପୁର ଗ୍ରାମର ରାସ୍ତାକଡରେ ଘର କରି ରହିଥିବା ବାସନ୍ତୀ ପଣ୍ଡାଙ୍କ ପୁତ୍ର ନିହାର ରନ ପଣ୍ଡା କିଛିଦିନ ପୂର୍ବରୁ ଭୁବନେଶ୍ୱର ନଖରା ଅଂଚଳରୁ ମିଲି ସାମନ୍ତରାୟ(୨୨) ନାମକ ଜଣେ ଯୁବତୀଙ୍କୁ ଭଲ ପାଇଁ ବିବାହ କରିଥିଲେ । ହେଲେ ଆଜି ସକାଳୁ ନବବଧୂ ମିଲି ସାମନ୍ତରାୟ ବେକରେ ଲୁଗା ଲଗାଇ ଆତ୍ମହତ୍ୟା କରିଥିବା ଦେଖିବାକୁ ମିଳିଥିଲା । ଶାଶୁଘର ଲୋକେ ନବବଧୂକୁ ଆନନ୍ଦପୁର ଡାକ୍ତରଖାନାରେ ଭର୍ତ୍ତି କରିଥିବା ବେଳେ ଝିଅ ଘର ଲୋକେ କେହି ଆସିନଥିବା ଦେଖିବାକୁ ମିଳିଥିଲା । ଖବର ପାଇ ଘଟଣାସ୍ଥଳରେ ସ୍ଥାନୀୟ ପୋଲିସ୍ ପହଂଚି ଶବକୁ ଜବତ କରିବା ସହ ଏହାର ତଦନ୍ତ ଆରମ୍ଭ କରିଛି ।

# ବିଭିନ୍ନ ଯାଗା ଓ ଉଦ୍ୟାନ ଲୋକାର୍ପିତ



କୋଣାର୍କ,(ପି.ଏନ): ମୁଖ୍ୟମନ୍ତ୍ରୀ କର୍ମତତ୍ପର ଅଭିଯାନ (ମୁକ୍ତା) ଯୋଜନା ଅଧିନରେ ଆଜି ୧୧ଟି ସ୍ଥାନର ପୁନଃରୁଦ୍ଧାର କାର୍ଯ୍ୟ ଲୋକାର୍ପିତ ହୋଇଛି । ସଂପୃକ୍ତ ଯାଗାର ସଂପାଦକ, ସଭାପତି ଓ ଅନ୍ୟାନ୍ୟ କର୍ମକର୍ତ୍ତା ମାନେ ଏହାକୁ ଉଦଘାଟନ କରିଛନ୍ତି । ପ୍ରାୟ ଏକ କୋଟି ୬୦ ଲକ୍ଷ ଟଙ୍କା ବ୍ୟୟରେ ଜାତୀୟ ବ୍ୟାୟାମ କ୍ରୀଡା ପରିଷଦ, ପାଣ୍ଡେତ ଯାଗା, ବୁଢୀ ମା ତୋଟା, ପାଣିଆ ତୋଟା, ଭଙ୍ଗ ଯାଗା, ମୃଦୁଳି ଯାଗା, ଜାତୀୟ କ୍ରୀଡା, ଖୁଣ୍ଟିଆ ଯାଗା, ଯଦୁ ତିଆଡି ଯାଗା, ନୂଆ ତୋଟା ଯାଗା, ଲୁହା ଗଡ ଯାଗାର ପୁନଃରୁଦ୍ଧାର ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ କରାଯାଇଛି । ଏଠାରେ ପେଭର ବ୍ଲକ, ଚତୁଃପାର୍ଶ୍ୱ ବାଡ, ୱାଲ ପେଣ୍ଟିଂ, ଜିମ ଉପକରଣ, ଶିଶୁ ମାନଙ୍କ ଖେଳ ସାମଗ୍ରୀ, ପାଦ ଚଲା ରାସ୍ତା ଆଦି ନିର୍ମାଣ କରାଯାଇଛି । ଏହି ଅବସରରେ ଜିଲ୍ଲାପାଳ ଶ୍ରୀ ସମର୍ଥ ବର୍ମା, ପୌରସଂସ୍ଥା ନିର୍ବାହୀ ଅଧିକାରୀ ଶ୍ରୀ ସରୋଜ କୁମାର ସ୍ୱାଇଁ, ଅତିରିକ୍ତ ନିର୍ବାହୀ ଅଧିକାରୀ ଶ୍ରୀ ମନୋଜ ବେହେରା, ପୌର ସଂସ୍ଥା ଯନ୍ତ୍ରୀ ଶ୍ରୀ ଭବାନୀ ଶଙ୍କର ମହାନ୍ତି, ସହାୟକ ମୁଖ୍ୟ ଯନ୍ତ୍ରୀ ଶ୍ରୀ ଜୟନ୍ତ କୁମାର ମୈତ, ଶ୍ରୀ ଦେବବ୍ରତ ଷଡଙ୍ଗୀ, ଶ୍ରୀ ଦେବଦତ୍ତ ରାୟ ମହାପାତ୍ର, କନିଷ୍ଠ ଯନ୍ତ୍ରୀ ପ୍ରମୁଖ, ପରାମର୍ଶଦାତା ଶ୍ରୀ ଜ୍ୟୋତିପ୍ରକାଶ ପ୍ରମୁଖ ଉପସ୍ଥିତ ଥିଲେ ।

ADMISSION OPEN
MAHARISHI PLAY SCHOOL
A Great Place to Grow @ mps
PLAY GROUP (2+)
NURSERY (3+)
LKG, UKG, STD-I TO V



TUITION CLASSES
for Std I to Std V
Timing: 5 PM to 6.30 PM

FIND THE DIFFERENCE
●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities

MAHARISHI PUBLIC SCHOOL
N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act

# ଆଇନଜୀବୀ ବସନ୍ତ କୁମାର ମିଶ୍ରଙ୍କ ବିୟୋଗରେ ଚଣ୍ଡିଖୋଲ ବାର୍‌ରେ ଶୋକ

ଚଣ୍ଡିଖୋଲ, (ପିଏନ):ଯାଜପୁର ବାର୍‌ର ପୂର୍ବତନ ସଭାପତି ବରିଷ୍ଠ ଆଇନଜୀବୀ ବସନ୍ତ କୁମାର ମିଶ୍ରଙ୍କ ବିୟୋଗରେ ଚଣ୍ଡିଖୋଲ କୋର୍ଟ ବାର ଆସୋସିଏସନ୍ ପକ୍ଷରୁ ବାର୍ ଆସୋସିଏସନ୍ ହଲ୍‌ରେ ଏକ ଶୋକ ସଭା ଅନୁଷ୍ଠିତ ହୋଇଯାଇଛି । ସଭାପତି ଦେବରାଜ ବେହେରାଙ୍କ ଅଧ୍ୟକ୍ଷତାରେ ସଂପାଦକ ପ୍ରକାଶ କୁମାର ଦାଶଙ୍କ ସମେତ ଉପ ସଭାପତି ଶ୍ରୀକାନ୍ତ କୁମାର ବଳ, ବରିଷ୍ଠ ଆଇନଜୀବୀ ଶରତ ଚନ୍ଦ୍ର ବଳ, ରେଣୁବାଳା ମହାନ୍ତି, ବିନୋଦ କୁମାର ରଥ, କିଶୋର କୁମାର ନାୟକ, ପ୍ରତାପ କୁମାର ଦାସ, ଯାଜପୁର ବାର୍‌ର ଲକ୍ଷ୍ମୀଧର ନାୟକ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ମିଶ୍ରଙ୍କ ସ୍ମୃତି ଚାରଣ କରିବା ସହ ଶୋକ ସନ୍ତପ୍ତ ପରିବାର ବର୍ଗଙ୍କ ପ୍ରତି ସମବେଦନା ଜଣାଇଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଆଇନଜୀବୀ ଶରତ କୁମାର ଷଡ଼ଙ୍ଗୀ, ଜନ୍ ବେହେରା, ନଳିନୀ କାନ୍ତ ମିଶ୍ର, କୁମର ପ୍ରସାଦ ବେହେରା, ନିରଞ୍ଜନ ସାମଲ, ଉଦୟ ନାଥ ସାହୁ, ଯତିନ୍ଦ୍ର ନାଥ ସାମଲ, ବିରେନ୍ କୁମାର ବିଶ୍ୱାଳ, ଦୀନବନ୍ଧୁ ନାୟକ, ଚିନ୍ମୟ କୁମାର ପ୍ରତାପ, ସମ୍ବିତ୍ ମହାପାତ୍ର, ନଗେନ୍ଦ୍ର କୁମାର ପାତ୍ର, ସୁଢ଼ଳ କବି, ପୁରୁଷୋତମ ନାୟକ, କୁମରବର ନାୟକ, ଖଗେଶ୍ୱର ରାଉତ, ଅଶୋକ କୁମାର ଜେନା, ଶିରିଷ କୁମାର ସାମଲ, ଅଶୋକ କୁମାର ସାହୁ, ଜାଗୃତି ବାରିକ୍, ମମତା ପ୍ରିୟଦର୍ଶିନୀ ସାହୁ, ଅଜିତ୍ କୁମାର ରାଉତ, ସୁବାଷ ଚନ୍ଦ୍ର ବଳ, ଜ୍ୟୋର୍ତିମୟୀ ସ୍ୱାଇଁ, ଜ୍ୟୋତି ଶଙ୍କର ମହାପାତ୍ର, ପରମାନନ୍ଦ ସାହୁ, ଶରତ କୁମାର ସାହୁ, ରୋଜାଲିନ୍ ସାହୁ ପ୍ରମୁଖ ଏଥିରେ ଯୋଗ ଦେଇଥିଲେ । ପ୍ରାରମ୍ଭରେ ସ୍ୱର୍ଗତ ମିଶ୍ରଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ୧ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା ।

# ଢିଙ୍କିଆ ଅଂଚଳରେ ଶିଳ୍ପ ବିରୋଧୀଙ୍କ ପ୍ରବେଶକୁ ବିରୋଧ କରାଯିବ

ପାରାଦୀପ,(ପି.ଏନ): ଏରସମା ବ୍ଲକ୍ ଢିଙ୍କିଆ ଅଂଚଳରେ ଜେ.ଏସ୍.ଡବ୍ଲ୍ୟୁ ପ୍ରକଳ୍ପ ନିମନ୍ତେ ଜମି ଅଧିଗ୍ରହଣ, ପାନ ବରଜ ଉଚ୍ଛେଦ, ଫଳନ୍ତି ବୃକ୍ଷ ଗଣତି ଆଦି ସରିବା ପରେ ପ୍ରକଳ୍ପ ନିମନ୍ତେ ସକାରାତ୍ମକ ପରିସ୍ଥିତ ଦେଖା ଦେଇଛି । ଏହି ସମୟରେ କିଛି ଶିଳ୍ପ ବିରୋଧୀ ନେତା ବୁଧବାର ଦିନ ପ୍ରକଳ୍ପ ଅଂଚଳକୁ ଆସିବାର କାର୍ଯ୍ୟକ୍ରମ ରହିଛି । ଏହି ଶିଳ୍ପ ବିରୋଧୀ ନେତାଙ୍କ ଗସ୍ତକୁ ବିରୋଧ କରିଛି ଫୁଲଖାଇ ଗ୍ରାମ ସୁରକ୍ଷା କମିଟି । ମଙ୍ଗଳବାର ଦିନ ମା ଫୁଲଖାଇ ମନ୍ଦିର ପ୍ରାଙ୍ଗଣରେ ଏକ ବୈଠକ ଅନୁଷ୍ଠିତ ହୋଇଥିବା ନେଇ ଜେ.ଏସ୍.ଡବ୍ଲ୍ୟୁ. ପକ୍ଷରୁ ସୂଚନା ମିଳିଛି । ବୈଠକରେ ଯୋଗ ଦେଇଥିବା ମାଆ ଫୁଲଖାଇ ଗ୍ରାମ ସୁରକ୍ଷା କମିଟିର ନୃସିଂହ ରାଉତ, ଅକ୍ଷୟ ବେହେରା, ନିତ୍ୟାନନ୍ଦ ସ୍ୱାଇଁ, ବିବେକାନନ୍ଦ ସ୍ୱାଇଁ, ସର୍ବେଶ୍ୱର ମହାପାତ୍ର, ଗିରିଜା ଶଙ୍କର ମହାପାତ୍ର, ବିଜୟ କୁମାର ସେଠୀ, ବିରଂଜନ ମହାପାତ୍ର, ସଂଗ୍ରାମ କେଶରୀ ସ୍ୱାଇଁ, ଅକ୍ଷୟ ଦାସ, ରଶ୍ମିକାନ୍ତ ବାଉତ, ଯୋଗେନ୍ଦ୍ର ମଲ୍ଲିକ, ପ୍ରକାଶ ଚନ୍ଦ୍ର ସାହୁ, ରଂଜନ କୁମାର ମଲ୍ଲିକ, କୁମର ମଲ୍ଲିକ, ରାଜ କିଶୋର ବରାଳ, କବିନ୍ଦ୍ର ଗୋଛାୟତ, ଦେବଦତ ସ୍ୱାଇଁ, ଧର୍ମେଶ୍ୱର ଦାସ ପ୍ରମୁଖ ଯୋଗ ଦେଇ ପ୍ରକଳ୍ପକୁ ସ୍ୱାଗତ କରିଥିଲେ । ପ୍ରକଳ୍ପ ହେଲେ ଏହି ସମୁଦ୍ରକୂଳିଆ ଅଂଚଳର ବିକାଶ ହେବ । ପାନର ଚାହିଦା ଦିନୁ ଦିନ କମୁଥିବା ବେଳେ ଶିଳ୍ପ ଅନୁକୂଳ ବାତାବରଣ ସୃଷ୍ଟି କରିଥିବା ଜେ.ଏସ୍.ଡବ୍ଲ୍ୟୁ. ପ୍ରକଳ୍ପକୁ ସ୍ଥାନୀୟ ବାସିନ୍ଦାମାନେ ଅକୁଣ୍ଠ ସମର୍ଥନ ଦେଉଛନ୍ତି । ଏଭଳି ସମୟରେ ଶିଳ୍ପ ବିରୋଧୀ ନେତାମାନେ ପ୍ରକଳ୍ପ ଅଂଚଳକୁ ଆସିଲେ ଢିଙ୍କିଆ ଅଂଚଳ ପୁଣି ଅଶାନ୍ତ ହେବ । ବୁଧବାର ଦିନ ଏହି ନେତାମାନଙ୍କ ପ୍ରସ୍ତାବିତ ଗସ୍ତକୁ ଦୃଢ ବିରୋଧ କରାଯିବ ବୋଲି ପ୍ରେସ୍ ବିଜ୍ଞପ୍ତିରୁ ସୂଚନା ମିଳିଛି ।

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at M[redacted]o. D-1/1, Mancheswar Industrial Estate, Bhubaneswar-751010 &
Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phon[redacted]6, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray